ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୧୦ ◆ ସଂଖ୍ୟା- ୧୧ ◆ ଭୁବନେଶ୍ୱର ◆ ସୋମବାର ◆ ନଭେମ୍ବର ୦୨ରୁ ନଭେମ୍ବର ୦୮, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-10 ◆ Issue-11 ◆ Bhubaneswar ◆ Monday ◆ November 02 to November 08, 2026 ◆ Page-8 ◆ Price Rs.4.00

ପୋଖରୀରେ ବୁଡ଼ି ୩ ଶିଶୁ ମୃତ



ଭୁବନେଶ୍ୱର,(ଜା.ପ୍ର): କଇଁ ଫୁଲ ତୋଳିବାକୁ ଯାଇଥିବା ବେଳେ ୩ ଶିଶୁ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଝାଡ଼େଶ୍ୱରପୁର ଗ୍ରାମରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତକଙ୍କ ମଧ୍ୟରୁ ଦୁଇ ଜଣ ହେଉଛନ୍ତି ଭାଇ। ମୃତକମାନେ ହେଉଛନ୍ତି ଇମରାନ ଖାନ୍‌ଙ୍କ ଦୁଇ ପୁତ୍ର ସଲମାନ ଖାନ(୪), ଜିସାନ ଖାନ(୫) ଓ ଅବଦୁଲ ଅନୱର ଖାନଙ୍କ ପୁଅ ଆରହାମ ଖାନ(୫)। ସଲମାନ ଏଲ୍‌କେଜିରେ ଓ ଜିସାନ ୟୁକେଜିରେ ପଢୁଥିଲେ। ଅରହମ ନର୍ସରୀରେ ପଢୁଥିଲେ। ଆଜି ସକାଳେ ଘର ପାଖରେ ଏହି ୩ ଶିଶୁ ଖେଳୁଥିଲେ। ଘର ପାଖରେ ପୋଖରୀଟିଏ ଅଛି। ସେମାନେ ଖେଳାଖେଳି କରିବା ବେଳେ କଇଁ ଫୁଲ ତୋଳିବାକୁ ପୋଖରୀ ଭିତରକୁ ଚାଲି ଯାଇଥିଲେ ଓ ବୁଡ଼ି ଯାଇଥିଲେ। ତିନୋଟି ଛୁଆ ହଠାତ୍ ନିଖୋଜ ହୋଇଯିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ। ତେବେ ପୋଖରୀ କୂଳରେ ମୃତକ ଶିଶୁମାନଙ୍କ ଚପଲ ଥିବା ଏବଂ ପ୍ରଥମେ ଜଣଙ୍କ ମୃତଦେହ ପୋଖରୀରେ ଭାସୁଥିବା ଗାଁ ଲୋକେ ଦେଖିଥିଲେ। ଏହା ପରେ ନିଶ୍ଚିନ୍ତକୋଇଲି ଅଗ୍ନିଶମ ବାହିନୀ ସହାୟତାରେ ପୋଖରୀରେ ଖୋଜାଖୋଜି କରିବାରୁ ଅନ୍ୟ ଦୁଇ ଛୁଆଙ୍କ ମୃତଦେହ ମିଳିଥିଲା। ଏହି ଘଟଣା ନେଇ ସାରା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଭଦ୍ରେଶ୍ୱର ଥାନା ଆଇଆଇସି ସନ୍ଧ୍ୟାରାଣୀ ସିଂହ ୩ ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ମେଡିକାଲ ପଠାଇବା ସହ ଥାନା କେସ ନଂ ୭/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅନୁସନ୍ଧାନ ଚଳାଇଛନ୍ତି।

‘ଅର୍ଣ୍ଣବ’ କ୍ଷତିଗ୍ରସ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପ୍ୟାକେଜ୍

ପ୍ରଭାବିତ ପରିବାରଙ୍କୁ ୫୦ କେଜି ଚାଉଳ, ୨୫୦୦ ଟଙ୍କା



ଭୁବନେଶ୍ୱର,(ଜା.ପ୍ର): ବାତ୍ୟା ଅର୍ଣ୍ଣବର ପ୍ରକୋପରେ ଦକ୍ଷିଣ ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ଅନେକ ଅଞ୍ଚଳ ଏବେ ବି ଜଳମଗ୍ନ ରହିଛି। କେଉଁଠି ଘରଦ୍ୱାର ଭାଙ୍ଗି ଯାଇଛି ତ ଆଉ କେଉଁଠି ଭୂସ୍ଖଳନ ଯୋଗୁଁ ଜୀବନ ଓ ଜୀବିକା ବିପନ୍ନ ହୋଇଛି। ହଜାର ହଜାର ଏକର ଚାଷଜମି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏଭଳି ସ୍ଥିତିରେ ବାତ୍ୟା ପ୍ରଭାବିତଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କେବଳ ରିଲିଫ୍ ନୁହେଁ, ଘରଭଙ୍ଗା, ଫସଲ ନଷ୍ଟ, ପଶୁସମ୍ପଦ, ମତ୍ସ୍ୟଚାଷ, ଛୋଟ ବ୍ୟବସାୟ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ମଧ୍ୟ ସହାୟତା ଘୋଷଣା ହୋଇଛି । ଅନ୍ୟପଟେ କ୍ଷୟକ୍ଷତିର ଆକଳନ ପାଇଁ ଆସନ୍ତାକାଲି ଅର୍ଥାତ ସୋମବାର କେନ୍ଦ୍ରୀୟ ଟିମ୍ ଓଡ଼ିଶା ଆସିବ । ଏହି ଟିମ୍ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ବାତ୍ୟା ଓ ବନ୍ୟାଜନିତ କ୍ଷୟକ୍ଷତିର ଅନୁଧ୍ୟାନ କରିବ।

ରବିବାର ସନ୍ଧ୍ୟାରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ବାତ୍ୟା ଅର୍ଣ୍ଣବ ଓ ତା'ର ପରବର୍ତ୍ତୀ ପରିସ୍ଥିତିରେ ରିଲିଫ, ପୁନର୍ନିର୍ମାଣ ଓ କ୍ଷୟକ୍ଷତି ଆକଳନ ସମ୍ପର୍କରେ ଏକ ଉଚ୍ଚ ସ୍ତରୀୟ ବୈଠକରେ ସମୀକ୍ଷା କରିବା ପରେ ପ୍ରଭାବିତ ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ସହାୟତା ପ୍ୟାକେଜ ଘୋଷଣା କରିଛନ୍ତି। ଅନୁଗ୍ରହ ମୂଳକ ସହାୟତା ଆକାରରେ ସମସ୍ତ ପ୍ରଭାବିତ ପରିବାରକୁ ୫୦ କିଲୋଗ୍ରାମ ଚାଉଳ ସହିତ ୨୫୦୦ ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେହିପରି କୃଷି କ୍ଷେତ୍ର ୩୩% ଏବଂ ତା'ଠାରୁ ଅଧିକ ଫସଲ ହାନି ସହିଥିବା ସମସ୍ତ ଚାଷୀଙ୍କୁ ସର୍ବାଧିକ ୨ ହେକ୍ଟର ପର୍ଯ୍ୟନ୍ତ ଇନ୍‌ପୁଟ୍ ସବସିଡି ପ୍ରଦାନ କରାଯିବ। ଅଣ-ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦ ଟଙ୍କା, ଜଳସେଚିତ ଅଞ୍ଚଳରେ ୧୭,୦୦୦ ଟଙ୍କା ଏବଂ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା ସହାୟତା ଦିଆଯିବ। ବାରମାସୀ ଫସଲ ପାଇଁ ସର୍ବନିମ୍ନ ଇନ୍‌ପୁଟ ସହାୟତା ୨୫୦୦ଟଙ୍କା, ଜଳସେଚିତ ଅଞ୍ଚଳ ପାଇଁ ୨୦୦୦ ଟଙ୍କା ଏବଂ ଅଣ-ଜଳସେଚିତ ଅଞ୍ଚଳ ପାଇଁ ସବନିମ୍ନ ୧୦୦୦ ଟଙ୍କା ଦିଆଯିବ। ଜମିରୁ ବାଲି କିମ୍ବା ପଟୁ ମାଟି ହଟାଇବା ପାଇଁ ହେକ୍ଟର ପିଛା ୧୮,୦୦୦ ଟଙ୍କା ହାରରେ ସହାୟତା ପ୍ରଦାନ କରାଯିବ ଏବଂ ପ୍ରତ୍ୟେକ ଚାଷୀଙ୍କୁ ସର୍ବନିମ୍ନ ସହାୟତା ରାଶି ୨,୨୦୦ ଟଙ୍କା ଦିଆଯିବ। ବାତ୍ୟା 'ଅର୍ଣ୍ଣବ' ଦ୍ୱାରା ପ୍ରଭାବିତ ଚାଷୀମାନଙ୍କୁ ୧,୨୦,୦୦୦ ସଂଖ୍ୟକ ଡାଲି ଜାତୀୟ ମିନିକିଟ୍, ୫,୦୦୦ ତୈଳବୀଜ ଏବଂ ୫୦,୦୦୦ ପନିପରିବା ମଞ୍ଜି କିଟ୍ ଦିଆଯିବ। ସର୍ବମୋଟ ୧,୭୫,୦୦୦ ସ୍ୱତନ୍ତ୍ର ମିନିକିଟ୍ ଯୋଗାଇ ଦିଆଯିବ। ଆଖୁ ଚାଷ ହେଉଥିବା ୨,୦୦୦ ହେକ୍ଟର ପ୍ରଭାବିତ ଅଞ୍ଚଳରେ ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ସ୍ପେସ୍ ଟ୍ରାନ୍‌ସପ୍ଲାଣ୍ଟିଂ ପଦ୍ଧତି ପ୍ରଦର୍ଶନ ପାଇଁ ହେକ୍ଟର ପିଛା ୨୭,୫୦୦ ଟଙ୍କା କିମ୍ବା ରେଟୁନ୍ ଫସଲ ପରିଚାଳନା ପାଇଁ ହେକ୍ଟର ପିଛା ୧୨,୫୦୦ ଟଙ୍କା ହାରରେ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବ। ରବି ଋତୁ ୨୦୨୬-୨୭ ସମୟରେ କୀଟନାଶକ ଏବଂ ଜୈବ-କୀଟନାଶକ ଉପରେ ୭୫% ସବସିଡିର ବ୍ୟବସ୍ଥା କରାଯିବ। କୃଷି ଋଣ ବାବଦରେ ଯେଉଁଠାରେ ୩୩% କିମ୍ବା ତା'ଠାରୁ ଅଧିକ ଫସଲ ହାନି ହୋଇଛି, ସେଠାରେ ଇଚ୍ଛୁକ ଚାଷୀମାନଙ୍କ ପାଇଁ ସ୍ୱଳ୍ପମିଆଦୀ ଖରିଫ ଋଣକୁ ମଧ୍ୟମ ମିଆଦି ଋଣରେ ପରିଣତ କରାଯିବ। ଚଳିତ ରବି ଋତୁରେ ସର୍ବାଧିକ ସଂଖ୍ୟକ ଭାଗଚାଷୀ, ଭୂମିହୀନ ଚାଷୀ କିମ୍ବା ମୌଖିକ ଚୁକ୍ତିରେ ଚାଷ କରୁଥିବା ଚାଷୀଙ୍କୁ ଋଣ ପ୍ରଦାନ କରିବା ପାଇଁ ଜଏଣ୍ଟ ଲାଏବିଲିଟି ଗ୍ରୁପ୍ ଗଠନ କରାଯିବ। ଗୃହ ନିର୍ମାଣ କ୍ଷେତ୍ରରେ ଯେଉଁ ଘରଗୁଡ଼ିକ ସମ୍ପୂର୍ଣ୍ଣ କିମ୍ବା ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି, ସେଠାରେ ସମତଳ ଅଞ୍ଚଳ ପାଇଁ ୧,୨୦,୦୦୦ ଟଙ୍କା ଏବଂ ପାର୍ବତ୍ୟ ଅଞ୍ଚଳ ପାଇଁ ୧,୩୦,୦୦୦ ଟଙ୍କା ହିସାବରେ ସହାୟତା ମିଳିବ। ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬୫୦୦ ଟଙ୍କା ଏବଂ ଆଂଶିକ କ୍ଷତିଗ୍ରସ୍ତ କଚ୍ଚା ଘର ପାଇଁ ୪୦୦୦ ଟଙ୍କା ସହାୟତା ଦିଆଯିବ। କ୍ଷତିଗ୍ରସ୍ତ କୁଡ଼ିଆ ଘର ପାଇଁ ୮୦୦୦ଟଙ୍କା ଓ ଗୁହାଳ ପାଇଁ ୩,୦୦୦ ଟଙ୍କା ସହାୟତା ମିଳିବ। ଯେଉଁ ପରିବାରଗୁଡ଼ିକର ଘର ଭାସି ଯାଇଛି କିମ୍ବା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି କିମ୍ବା ଦୁଇ ଦିନରୁ ଅଧିକ ସମୟ ଧରି ଜଳମଗ୍ନ ହୋଇ ରହିଛି, ସେହି ପରିବାରଗୁଡ଼ିକୁ ପୋଷାକ ପତ୍ର ପାଇଁ ୨,୫୦୦ ଟଙ୍କା ଏବଂ ବାସନକୁସନ ପାଇଁ ୨,୫୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। ପ୍ରାଣୀ ସମ୍ପଦ କ୍ଷତିପୂରଣ ପାଇଁ ଚାଷୀଙ୍କୁ ସହାୟତା ଗୃହପାଳିତ ପ୍ରାଣୀ ହରାଇଥିବା ଚାଷୀଙ୍କୁ ଦୁଧୁଆଳି ଗାଈ ମଇଁଷି ଆଦି ପ୍ରାଣୀର ମୃତ୍ୟୁ ପାଇଁ ୩୭,୫୦୦ ଟଙ୍କା ଏବଂ ମେଣ୍ଢା, ଛେଳି, ଘୁଷୁରି ପାଇଁ ୪,୦୦୦ ଟଙ୍କା ପ୍ରଦାନ କରାଯିବ। ସେହିପରି ଭାରବାହୀ ପଶୁ ଯଥା ଓଟ,ଘୋଡ଼ା,ବଳଦ ଇତ୍ୟାଦି ପାଇଁ ୩୨,୦୦୦ ଟଙ୍କା ଏବଂ ଛୋଟ ଭାରବାହୀ ପଶୁ ଯଥା ବାଛୁରୀ,ଗଧ, ଟଟୁ ଘୋଡ଼ା, ଖଚର ଆଦି ପାଇଁ ୨୦,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। କୁକୁଡ଼ା ପିଛା ୧୦୦ ଟଙ୍କା ଭାବରେ ସର୍ବାଧିକ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ। ୧,୦୦୦ ଜଣ ଚାଷୀଙ୍କୁ ଛେଳି କିମ୍ବା ବଳଦ ଆଦି ଯୋଗାଇ ଦେବାରେ ସହାୟତା କରିବା ପାଇଁ ସବସିଡି ପ୍ରଦାନ କରାଯିବ। ପ୍ରଭାବିତ ଅଞ୍ଚଳର ୫,୦୦୦ ଜଣ ଦୁଗ୍ଧ ଚାଷୀଙ୍କୁ ସହାୟତା କରିବା ପାଇଁ ପ୍ରାଣୀ ପିଛା ୧୦୦ କିଲୋଗ୍ରାମ ହିସାବରେ ସର୍ବାଧିକ ୫୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଗୋ-ଖାଦ୍ୟ ଯୋଗାଇ ଦିଆଯିବ। ୭୦ ପ୍ରତିଶତରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ୨୦୦ କୁକୁଡ଼ା ଫାର୍ମକୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ପୁନରୁଦ୍ଧାର ପାଇଁ ସହାୟତା ପ୍ରଦାନ କରାଯିବ। ମତ୍ସ୍ୟ ଚାଷ କ୍ଷେତ୍ରରେ କ୍ଷତିଗ୍ରସ୍ତ ମାଛ ଚାଷୀ ମାନଙ୍କ ପାଇଁ ହେକ୍ଟର ପିଛା ୧,୧୨,୫୦୦ ଟଙ୍କା ହାରରେ ୭୫% ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ। ସମ୍ପୂର୍ଣ୍ଣ ଏବଂ ଆଂଶିକ କ୍ଷତିଗ୍ରସ୍ତ ଡଙ୍ଗା ପାଇଁ ୨୨,୫୦୦ ଟଙ୍କା ଏବଂ ଜାଲ ପାଇଁ ୧୫,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। ସାମୁଦ୍ରିକ ଏବଂ ଚିଲିକା ମତ୍ସ୍ୟଜୀବୀମାନଙ୍କୁ ସମ୍ପୂର୍ଣ୍ଣ ଏବଂ ଆଂଶିକ କ୍ଷତିଗ୍ରସ୍ତ ଡଙ୍ଗା ପାଇଁ ୬୦,୦୦୦ ଟଙ୍କା ଏବଂ ଜାଲ ପାଇଁ ୧୫,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। ଯେଉଁ ମାଛ ଚାଷୀମାନଙ୍କର ପୋଖରୀ ବନ୍ଧ ଭାଙ୍ଗିଯାଇଛି କିମ୍ବା ମାଟି କ୍ଷୟ ହୋଇଛି ସେମାନଙ୍କୁ ସହାୟତା ପ୍ରଦାନ କରାଯିବ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଲିଜ୍ ସୂତ୍ରରେ ନିଆଯାଇଥିବା କମ୍ୟୁନିଟି ପୋଖରୀ ପାଇଁ ମଧ୍ୟ ସହାୟତା ଦିଆଯିବ। ହେକ୍ଟର ପିଛା ସର୍ବାଧିକ ୧,୭୫,୦୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ଦିଆଯିବ। ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ କ୍ଷେତ୍ରରେ ପ୍ରଭାବିତ ବ୍ୟବସାୟୀ, ଦୋକାନୀ, ଉଠାଦୋକାନୀ ଏବଂ ଅନ୍ୟ ବାଣିଜ୍ୟିକ ପ୍ରତିଷ୍ଠାନକୁ ସହାୟତା ଦିଆଯିବ। ଏହି ପ୍ୟାକେଜ୍ ଅଧୀନରେ ସହାୟତା ପ୍ରଦାନ କରିବା ପାଇଁ ବ୍ୟବସାୟିକ ପରିସର, କେବିନ୍ କିମ୍ବା ଷ୍ଟଲ୍, ଯନ୍ତ୍ରପାତି, ଫିକ୍ସଚର୍ସ, ମହଜୁଦ ସାମଗ୍ରୀ ଏବଂ ଅନ୍ୟାନ୍ୟ ବ୍ୟବସାୟିକ ସମ୍ପତ୍ତିର ହୋଇଥିବା କ୍ଷତିର ଆକଳନ କରାଯିବ। କ୍ଷତିଗ୍ରସ୍ତ ବ୍ୟବସାୟୀ ଓ ଦୋକାନୀ ମାନଙ୍କୁ ସର୍ବାଧିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସହାୟତା ଯୋଗାଇ ଦିଆଯିବ। ଏହି ଋଣରେ ସର୍ବାଧିକ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୨୫ ପ୍ରତିଶତ ସବସିଡି ଦିଆଯିବ। ଏହି ସବସିଡି ପରିମାଣ ରାଜ୍ୟ ସରକାର ସିଧାସଳଖ ବ୍ୟାଙ୍କ ଗୁଡିକୁ ଯୋଗାଇଦେବେ। ଉଠା ଦୋକାନୀ, ଅସ୍ଥାୟୀ ଷ୍ଟଲ୍ କିମ୍ବା କିଓସ୍କ ପାଇଁ ୧୦,୦୦୦ ଟଙ୍କା ଏବଂ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ପାଇଁ ୨୫,୦୦୦ ଟଙ୍କା ସହାୟତା ଦିଆଯିବ।

ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ସମସ୍ତ ଯୋଗ୍ୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫୦୦୦ ଟଙ୍କାର ଅତିରିକ୍ତ ସିଡ୍ ମନି ପ୍ରଦାନ କରାଯିବ। ହସ୍ତଶିଳ୍ପ ଓ ହସ୍ତତନ୍ତରେ ହସ୍ତଶିଳ୍ପ, ହସ୍ତତନ୍ତ କ୍ଷେତ୍ର ଅଧୀନରେ, ବୁଣାକାର ଓ କାରିଗରମାନଙ୍କୁ ସେମାନଙ୍କର ଯନ୍ତ୍ରପାତି ଓ ଉପକରଣ ବଦଳାଇବା ପାଇଁ ବ୍ୟକ୍ତି ପିଛା ୫,୦୦୦ ଟଙ୍କା ଏବଂ ସାମଗ୍ରୀ ନଷ୍ଟ ପାଇଁ କାରିଗର ପିଛା ୫,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। ରେଶମ ଚାଷରେ ପ୍ରଭାବିତ ରେଶମ ଚାଷୀମାନଙ୍କ ମଧ୍ୟରୁ ଏରି, ମଲବେରୀ, ଟସର ଚାଷୀଙ୍କୁ ହେକ୍ଟର ପିଛା ୬,୦୦୦ ଟଙ୍କା ଏବଂ ମୁଗା ଚାଷୀଙ୍କୁ ହେକ୍ଟର ପିଛା ୭୫୦୦ ଟଙ୍କା ଇନପୁଟ ସହାୟତା ଦିଆଯିବ। ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିବା ପାଳନ ଗୃହଗୁଡ଼ିକ ପାଇଁ ପ୍ରଭାବିତ ରେଶମ ଚାଷୀମାନଙ୍କୁ ୧,୭୫,୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହା ସହିତ ଓଡ଼ିଶା ଉଠା ଜଳସେଚନ ନିଗମ, ସମସ୍ତ ପ୍ରଭାବିତ ଗ୍ରାମଗୁଡ଼ିକରେ ପ୍ରାଥମିକତା ଭିତ୍ତିରେ ଉଠା ଜଳସେଚନ ପଏଣ୍ଟଗୁଡ଼ିକର ମରାମତି ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ। ରବି ଋତୁ ପୂର୍ବରୁ ସମସ୍ତ ଉଠା ଜଳସେଚନ ପଏଣ୍ଟଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ତୁରନ୍ତ ମରାମତି କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଜାତୀୟ ଚେତନା
JATIYA CHETANA

ବଢ଼ିଲା ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ଦର

ନୂଆଦିଲ୍ଲୀ,(ଏଜେନ୍ସି): ଦୀପାବଳି ପୂର୍ବରୁ ପ୍ରେଟ୍ରୋଲିୟମ କମ୍ପାନୀଗୁଡ଼ିକ ଗ୍ରାହକମାନଙ୍କୁ ଝଟକା ଦେଇଛନ୍ତି । ନଭେମ୍ବର ୧ ତାରିଖରୁ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟରେ ବୃଦ୍ଧି କରାଯାଇଛି, ଯାହା ରୋଷେଇ ଇନ୍ଧନ ଉପରେ ନିର୍ଭରଶୀଳ ବ୍ୟବସାୟଗୁଡ଼ିକୁ ଏକ ବଡ଼ ଧକ୍କା ଦେଇଛି । ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ବୃଦ୍ଧି କରାଯାଇଛି । ଭୁବନେଶ୍ୱରରେ ୧୧ ଟଙ୍କା, ଦିଲ୍ଲୀ, ମୁମ୍ବାଇ ଏବଂ କୋଲକାତାରେ ସିଲିଣ୍ଡର ୧୦ ଟଙ୍କା ମହଙ୍ଗା ହୋଇଥିବା ବେଳେ ଚେନ୍ନାଇରେ ୧୧.୫୦ ଟଙ୍କା ବୃଦ୍ଧି ପାଇଛି । ବାଣିଜ୍ୟିକ ସିଲିଣ୍ଡରର ନୂତନ ମୂଲ୍ୟ ରବିବାରରୁ ଲାଗୁ ହୋଇଛି । ଭିନ୍ନ ଭିନ୍ନ ସହର ମୂଲ୍ୟ ସାମାନ୍ୟ ଭିନ୍ନ ରହିଛି । ଅନ୍ୟପଟେ ଘରୋଇ ଏଲପିଜି ସିଲିଣ୍ଡର ଦରକୁ ଅପରିବର୍ତ୍ତିତ ରଖାଯାଇଛି । ହୋଟେଲ, ରେଷ୍ଟୋରାଁ, ଢାବା ଏବଂ କ୍ୟାଟରିଂ ବ୍ୟବସାୟରେ ବାଣିଜ୍ୟିକ ଏଲପିଜି ସିଲିଣ୍ଡର ବହୁଳ ଭାବରେ ବ୍ୟବହୃତ ହୁଏ । ତେଣୁ, ମୂଲ୍ୟ ବୃଦ୍ଧି ଏହି ବ୍ୟବସାୟଗୁଡ଼ିକର ଖର୍ଚ୍ଚ ବୃଦ୍ଧି କରିପାରେ । ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ବୃଦ୍ଧି ହୋଇଥିଲେ ମଧ୍ୟ ଘରୋଇ ଏଲପିଜି ଗ୍ରାହକଙ୍କ ପାଇଁ କିଛି ଆଶ୍ୱସ୍ତି ରହିଛି । ୧୪.୨ କିଲୋଗ୍ରାମ ଘରୋଇ ସିଲିଣ୍ଡରର ମୂଲ୍ୟ ଅପରିବର୍ତ୍ତିତ ରହିଛି । ପୂର୍ବରୁ, ଅକ୍ଟୋବର ୧ ତାରିଖରେ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ କରାଯାଇଥିଲା । ୧୯ କିଲୋଗ୍ରାମ ଏଲପିଜିର ମୂଲ୍ୟ ଲଗାତାର ଦୁଇ ମାସ ଧରି ବୃଦ୍ଧି କରାଯାଇଛି ।

ଅକ୍ଟୋବରରେ ଜିଏସ୍‌ଟି ସଂଗ୍ରହ ବୃଦ୍ଧି: ଦେଶରେ ୨.୩୧ ଲକ୍ଷ କୋଟି, ଓଡ଼ିଶାରେ ୪୭୪୪ କୋଟି

ନୂଆଦିଲ୍ଲୀ,(ଏଜେନ୍ସି): ଦେଶରେ ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ଆଦାୟରେ ବଡ଼ ଅଭିବୃଦ୍ଧି ଘଟିଛି । ଅକ୍ଟୋବରରେ ମୋଟ ଜିଏସ୍‌ଟି ସଂଗ୍ରହ ୨୨.୯ ପ୍ରତିଶତ ବୃଦ୍ଧି ପାଇ ୨ ଲକ୍ଷ ୩୧ ହଜାର ୨୯୦ କୋଟି ଟଙ୍କାରେ ପହଞ୍ଚିଛି । ଗତବର୍ଷ ଅକ୍ଟୋବରରେ ଏହି ରାଶି ୧ ଲକ୍ଷ ୮୮ ହଜାର ୧୨୫ କୋଟି ଟଙ୍କା ରହିଥିଲା । ଗତ ଚାରିବର୍ଷ ମଧ୍ୟରେ ଏହା ସର୍ବାଧିକ ବାର୍ଷିକ ଅଭିବୃଦ୍ଧି । ଅକ୍ଟୋବରରେ ଆମଦାନୀ ଉପରେ ଜିଏସ୍‌ଟି ଆଦାୟ ୪୨.୨ ପ୍ରତିଶତ ବୃଦ୍ଧି ପାଇ ୭୨,୨୪୬ କୋଟି ଟଙ୍କା ହୋଇଛି । ଗତବର୍ଷ ଅକ୍ଟୋବରରେ ଏହା ୫୦,୭୯୬ କୋଟି ଟଙ୍କା ଥିଲା । ସେହିପରି ଘରୋଇ କାରବାରରୁ ଜିଏସ୍‌ଟି ଆଦାୟ ୧୫.୮ ପ୍ରତିଶତ ବୃଦ୍ଧି ପାଇ ୧ ଲକ୍ଷ ୫୯ ହଜାର ୪୪ କୋଟି ଟଙ୍କା ହୋଇଛି । ଅନ୍ୟପକ୍ଷରେ ଫେରସ୍ତ ଅର୍ଥକୁ ବାଦ୍ ଦେବା ପରେ ଅକ୍ଟୋବରରେ ନିଟ୍ ଜିଏସ୍‌ଟି ଆଦାୟ ୨୫.୬ ପ୍ରତିଶତ ବୃଦ୍ଧି ପାଇ ୨ ଲକ୍ଷ ୩ ହଜାର ୩୫୬ କୋଟି ଟଙ୍କାରେ ପହଞ୍ଚିଛି । ଅକ୍ଟୋବରରେ ମୋଟ ଟିକସ ଫେରସ୍ତ ପରିମାଣ ୨୭,୯୩୪ କୋଟି ଟଙ୍କା ରହିଛି । ସେହିପରି ଚଳିତ ଆର୍ଥିକ ବର୍ଷର ଏପ୍ରିଲ୍‌ରୁ ଅକ୍ଟୋବର ମଧ୍ୟରେ ମୋଟ ଜିଏସ୍‌ଟି ସଂଗ୍ରହ ୧୩.୨ ପ୍ରତିଶତ ବୃଦ୍ଧି ପାଇ ୧୪.୭୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଗତ ଆର୍ଥିକ ବର୍ଷର ଏହି ସମୟରେ ଏହା ୧୩.୦୫ ଲକ୍ଷ କୋଟି ଟଙ୍କା ଥିଲା । ରାଜ୍ୟଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ର ସର୍ବାଧିକ ୩୫,୧୫୦ କୋଟି ଟଙ୍କାର ଘରୋଇ ଜିଏସ୍‌ଟି ଆଦାୟ କରିଛି । ଓଡ଼ିଶାର ଜିଏସ୍‌ଟି ଆଦାୟ ୧୦ ପ୍ରତିଶତ ବୃଦ୍ଧିପାଇ ୪୭୪୪ କୋଟି ଟଙ୍କାରେ ପହଞ୍ଚିଛି ।

ସିଇସିଙ୍କ ବିରୋଧରେ ଇଣ୍ଡିଆ ମେଣ୍ଟର ରାଲି

ରାମଲୀଳା ମଇଦାନରେ ଗର୍ଜିଲେ ବିରୋଧୀ ଦଳ ନେତା



ନୂଆଦିଲ୍ଲୀ,(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିଶନର୍ (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ବିରୋଧୀ ଇଣ୍ଡିଆ ମେଣ୍ଟର ୧୯ ଦଳ ରବିବାର ରାମଲୀଳା ମଇଦାନରେ ବିଶାଳ ରାଲି କରିଛନ୍ତି । ଶନିବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ଘରେ ବିରୋଧୀମାନେ ଜ୍ଞାନେଶ କୁମାରଙ୍କ ବିରୋଧରେ ଜନମହାଭିଯୋଗ ପାସ୍ କରିବା ପରେ ରବିବାର ସୋନିଆ ଗାନ୍ଧୀଙ୍କ ସହ ରାହୁଲ ଗାନ୍ଧୀ, ପ୍ରିୟଙ୍କା, ମମତା, ଅଖିଳେଶ ଏବଂ ତେଜସ୍ୱୀ ଯାଦବଙ୍କ ସମେତ ବାକି ସମସ୍ତ ନେତା ମିଣ୍ଟୋ ରୋଡ୍‌ରୁ ବାହାରି ରାମଲୀଳା ମଇଦାନ ପହଞ୍ଚିଥିଲେ । ପ୍ରାୟ ୪ ଘଣ୍ଟା ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ରାହୁଲ ଗାନ୍ଧୀ କହିଛନ୍ତି, ମୋ କଥା ସତ୍ୟ ହେବ, ଜ୍ଞାନେଶ କୁମାର ସିସିଓ ପଦରୁ ହଟିବେ ଏବଂ ଜେଲ୍ ଯିବେ । ରାହୁଲ ତାଙ୍କ ଭାଷଣରେ କହିଥିଲେ, ଜ୍ଞାନେଶ କୁମାର ରାତିରେ ଶୋଇପାରୁ ନାହାନ୍ତ. ସେ ଡରିଯାଇଛନ୍ତି । ସେ ସବୁଠୁ ବଡ଼ କ୍ରାଇମ୍ କରିଛନ୍ତି । ଦେଶର ସ୍ୱରକୁ ବନ୍ଦ କରିବାକୁ ଉଦ୍ୟମ କରୁଛନ୍ତି । ଏହା ସହିତ ରାହୁଲ କହିଛନ୍ତି, ମୋଦୀ ଏବଂ ଶାହ ମଧ୍ୟ ଶୋଇପାରୁ ନାହାନ୍ତି । ସେମାନେ ଆମର ଶତ୍ରୁ ନୁହନ୍ତି, ଆମେ ଘୃଣା ନୁହେଁ ଭଲ ପାଇବା ପ୍ରସାର କରୁଛୁ । ଏହି ଆନ୍ଦୋଳନ କୌଣସି ଏକ ପାର୍ଟି କିମ୍ବା ନେତାର ନୁହେଁ । ଏହା ଦେଶର ଆନ୍ଦୋଳନ ଦେଶର । ଦେଶର ସ୍ୱର, ସମ୍ବିଧାନକୁ ବଞ୍ଚାଇବାର ସ୍ୱର ।

ରାଲିରେ ସୋନିଆ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ଫାରୁକ୍ ଅବ୍‌ଦୁଲ୍ଲା, ମହବୁବା ମୁଫ୍‌ତି ଏବଂ ସୁପ୍ରିୟା ସୁଲେଙ୍କ ସମେତ ଇଣ୍ଡିଆ ମେଣ୍ଟର ବହୁ ନେତା ଉପସ୍ଥିତ ଥିଲେ । ଆଠଜଣ ନେତା ସଭାରେ ଭାଷଣ ଦେଇଥିଲେ । ଏସ୍‌ଆଇଆର୍ ଏବଂ ଜ୍ଞାନେଶ କୁମାରଙ୍କ ବିରୋଧରେ ଗତ ୨୫ ଦିନରେ ବିରୋଧୀ ଦଳ ସପ୍ତମ ଥର ପାଇଁ ଏକାଠି ହୋଇଛନ୍ତି । ଏହା ପୂର୍ବରୁ ଅକ୍ଟୋବର ୬ରୁ ୧୩ ତାରିଖ ମଧ୍ୟରେ ୬ ଥର ଆନ୍ଦୋଳନ ହୋଇଛି ।

ଏହି ରାଲି ପାଇଁ ରାହୁଲ ଗାନ୍ଧୀ, ଅଖିଳେଶ ଯାଦବ, ତେଜସ୍ୱୀ ଯାଦବ, ଫାରୁକ୍ ଅବ୍‌ଦୁଲ୍ଲା ଏବଂ ଅନ୍ୟ ନେତାମାନେ ଏକ ଖୋଲା ବସ୍‌ରେ କଂଗ୍ରେସ ସଭାପତି ଖଡ୍‌ଗେଙ୍କ ବାସଭବନରୁ ରାମଲୀଳା ମଇଦାନ ଅଭିମୁଖେ ଯାତ୍ରା କରିଥିଲେ । ବିରୋଧୀ ଦଳର ସାଂସଦମାନେ କନ୍‌ଷ୍ଟିଚ୍ୟୁସନ୍ କ୍ଲବ୍‌ରୁ ବସ୍‌ରେ ସଭାସ୍ଥଳକୁ ଯାଇଥିଲେ । ପ୍ରାୟ ଦେଢ଼ ଘଣ୍ଟାର ଶୋଭାଯାତ୍ରା ପରେ ନେତାମାନେ ରାମଲୀଳା ମଇଦାନରେ ପହଞ୍ଚି ଏସ୍‌ଆଇଆର୍ ଏବଂ ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ଭାଷଣ ଦେଇଥିଲେ ।

ଦେଶର ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ତାଲିକାରେ ଯୋଗୀ ଆଦିତ୍ୟନାଥ ଶୀର୍ଷରେ

ନୂଆଦିଲ୍ଲୀ,(ଏଜେନ୍ସି): ଦେଶର ସବୁଠୁ ଲୋକପ୍ରିୟ ତଥା ପ୍ରଭାବଶାଳୀ ମୁଖ୍ୟମନ୍ତ୍ରୀ ଭାବେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୀର୍ଷ ସ୍ଥାନ ଦଖଲ କରିଛନ୍ତି । ଫେମ୍ ଇଣ୍ଡିଆ ପତ୍ରିକା ଏବଂ ଏସିଆ ପୋଷ୍ଟର ମିଳିତ ଆନୁକୂଲ୍ୟରେ ପରିଚାଳିତ ସର୍ଭେ ୨୦୨୬ରେ ସେ ଦେଶର ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି । ଏହି ନିର୍ଦ୍ଧାରିତ ମୂଲ୍ୟାୟନରେ ସେ ମୋଟ ୧୦୦୦ ଅଙ୍କରୁ ୮୯୬ ଅଙ୍କ ସଂଗ୍ରହ କରି ପ୍ରଥମ ସ୍ଥାନରେ ରହିଛନ୍ତି । ଏହି ତାଲିକାରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ୮୮୧ ଅଙ୍କ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ୮୭୪ ଅଙ୍କ ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି ।



ଦେଶର ମୋଟ ୧୫ ଜଣ ମୁଖ୍ୟମନ୍ତ୍ରୀଙ୍କୁ ଏହି ସର୍ଭେରେ ସାମିଲ କରାଯାଇଥିଲା । ସେମାନଙ୍କ କାର୍ଯ୍ୟଦକ୍ଷତା ଓ ମୂଲ୍ୟାୟନ ଆଧାରରେ ପ୍ରଥମ ୧୦ ଜଣଙ୍କୁ ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଏବଂ ୧୧ରୁ ୧୫ତମ ସ୍ଥାନରେ ଥିବା ମୁଖ୍ୟମନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପଞ୍ଚରତ୍ନ ବର୍ଗରେ ସ୍ଥାନିତ କରାଯାଇଛି । ସର୍ଭେ ଫଳାଫଳ ଅନୁଯାୟୀ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ୮୫୬ ଅଙ୍କ ପାଇ ଚତୁର୍ଥ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ୮୪୪ ଅଙ୍କ ସହ ପଞ୍ଚମ ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ୮୪୨ ଅଙ୍କ ସହ ଷଷ୍ଠ ସ୍ଥାନରେ ରହିଛନ୍ତି । ସେହିପରି ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗ ସପ୍ତମ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏ ରେବନ୍ତ ରେଡ୍ଡୀ ଅଷ୍ଟମ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ନବମ ଏବଂ ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ ସାଙ୍ଗମା ଦଶମ ସ୍ଥାନ ସାସଲ କରିଛନ୍ତି । ଅପରପକ୍ଷରେ, ଦ୍ୱିତୀୟ ବର୍ଗ ବା ମୁଖ୍ୟମନ୍ତ୍ରୀ ପଞ୍ଚରତ୍ନରେ ମହାରାଷ୍ଟ୍ରର ଦେବେନ୍ଦ୍ର ଫଡନାବିସ ୭୮୮ ଅଙ୍କ ସହ ୧୧ଶ ସ୍ଥାନରେ ରହିଥିବା ବେଳେ ଦିଲ୍ଲୀର ରେଖା ଗୁପ୍ତା ୧୨ଶ, ଜମ୍ମୁ-କାଶ୍ମୀରର ଓମାର ଅବଦୁଲ୍ଲା ୧୩ଶ, ଗୁଜରାଟର ଭୂପେନ୍ଦ୍ରଭାଇ ପଟେଲ ୧୪ଶ ଏବଂ ରାଜସ୍ଥାନର ଭଜନଲାଲ ଶର୍ମା ୧୫ଶ ସ୍ଥାନରେ ରହିଛନ୍ତି । ଏହି ବ୍ୟାପକ ସର୍ଭେ ପ୍ରକ୍ରିୟା ଦୀର୍ଘ ୩ରୁ ୪ ମାସ ଧରି ଚାଲିଥିଲା । ସାମାଜିକ ଓ ପାରମ୍ପରିକ ଗଣମାଧ୍ୟମର ପ୍ରତିକ୍ରିୟା, ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିଙ୍କ ମତାମତ ଏବଂ ଆମ ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନାକୁ ନେଇ ଏହି ବୃତ୍ତାନ୍ତ ମୂଲ୍ୟାୟନ କରାଯାଇଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ବିଶେଷ କରି ସୁଶାସନ, ଆଇନଶୃଙ୍ଖଳା, ବ୍ୟକ୍ତିତ୍ୱ, ଭାବମୂର୍ତ୍ତି, କାର୍ଯ୍ୟଦକ୍ଷତା, ଲୋକପ୍ରିୟତା, ଦୂରଦୃଷ୍ଟି ଓ କାର୍ଯ୍ୟଶୈଳୀ ଭଳି ମୋଟ ୧୦ଟି ପ୍ରମୁଖ ମାନଦଣ୍ଡକୁ ଭିତ୍ତି କରି ଏହି ମୁଖ୍ୟମନ୍ତ୍ରୀମାନଙ୍କ ଆଙ୍କଳନ କରାଯାଇଛି ।

ସୋନିଆଙ୍କୁ 'ମୋ ନେତ୍ରୀ' କହିଲେ ମମତା

ନୂଆଦିଲ୍ଲୀ,(ଏଜେନ୍ସି): କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ 'ମୋ ନେତ୍ରୀ' ବୋଲି ସମ୍ବୋଧନ କରି ତୃଣମୂଳ କଂଗ୍ରେସ ସୁପ୍ରିମୋ ତଥା ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜର ଭାଷଣ ଆରମ୍ଭ କରିବା ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି । ଦିଲ୍ଲୀର ଐତିହାସିକ ରାମଲୀଳା ମୈଦାନରେ ବିରୋଧୀ ମେଣ୍ଟ ପକ୍ଷରୁ ଆୟୋଜିତ 'ଭୋଟ ଚୋରି ବିରୋଧୀ' ବୃହତ ସମାବେଶରେ ମମତାଙ୍କ ଏହି ଆଭିମୁଖ୍ୟ କଂଗ୍ରେସ ଏବଂ ତୃଣମୂଳ କଂଗ୍ରେସ ମଧ୍ୟରେ ବଦଳୁଥିବା ସମ୍ପର୍କର ଏକ ବଡ଼ ସଙ୍କେତ ଭାବେ ଦେଖାଯାଉଛି । ଦୀର୍ଘ ଦିନ ଧରି ଉଭୟ ଦଳ ମଧ୍ୟରେ ତୀବ୍ର ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଥିବା ବେଳେ ଏହି ପରିବର୍ତ୍ତନ ବିରୋଧୀ ଶିବିରକୁ ଏକ ନୂଆ ମୋଡ଼ ଦେଇଛି ।

ମଞ୍ଚରେ ମମତା ବାନାର୍ଜୀ ସୋନିଆ ଗାନ୍ଧୀଙ୍କ ନିକଟରେ ବସିଥିବା ଦେଖିବାକୁ ମିଳିଥିଲା ଏବଂ କାର୍ଯ୍ୟକ୍ରମ ସମୟରେ ଉଭୟଙ୍କ ମଧ୍ୟରେ ଏକାଧିକ ଥର ଗମ୍ଭୀର ଆଲୋଚନା ହୋଇଥିଲା । ନିଜ ଭାଷଣରେ ମମତା କେବଳ ସୋନିଆଙ୍କୁ ନୁହେଁ, ବରଂ ରାହୁଲ ଗାନ୍ଧୀଙ୍କୁ ନିରନ୍ତର ସଂଘର୍ଷ କରୁଥିବା ଜଣେ ସଫଳ ଯୁବ ନେତା ଭାବେ ଅଭିହିତ କରିଥିଲେ । ଏହାସହ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଆରଜେଡି ନେତା ତେଜସ୍ୱୀ ଯାଦବ ଏବଂ ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟି ମହାସଚିବ ଏମଏ ବେବିଙ୍କ ଭଳି ପ୍ରମୁଖ ନେତାମାନଙ୍କ ନାମ ଉଲ୍ଲେଖ କରି ବିରୋଧୀ ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ ।

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସର ପରାଜୟ ପରେ ମମତାଙ୍କ ଏହି ଆଭିମୁଖ୍ୟକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି । ନିର୍ବାଚନ ଫଳାଫଳକୁ ନେଇ ମମତା ପ୍ରଶ୍ନ ଉଠାଇବା ପରେ ରାହୁଲ ଗାନ୍ଧୀ ତାଙ୍କୁ ଖୋଲାଖୋଲି ସମର୍ଥନ ଜଣାଇଥିଲେ । ପରବର୍ତ୍ତୀ ସମୟରେ ମମତା ସୋନିଆ ଓ ରାହୁଲଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ, ଯାହା ରାଜ୍ୟ ରାଜନୀତିରେ ଏକ ନୂଆ ସମୀକରଣର ସୂଚନା ଦେଉଛି । ଏହି ସମାବେଶରେ ଗମ୍ଭୀର ଅଭିଯୋଗ ଆଣି ମମତା କହିଥିଲେ ଯେ ପଶ୍ଚିମବଙ୍ଗରେ ବିଶେଷ ସଂଶୋଧନ ପ୍ରକ୍ରିୟା ପୂର୍ବରୁ ପ୍ରାୟ ୧ କୋଟି ଭୋଟରଙ୍କ ନାମ ଚଞ୍ଚକତା କରି ତାଲିକାରୁ ବାଦ ଦିଆଯାଇଛି । ତୃଣମୂଳ କଂଗ୍ରେସ ନିର୍ବାଚନରେ ହାରିନାହିଁ, ବରଂ ଏକ ଷଡ଼ଯନ୍ତ୍ର ମାଧ୍ୟମରେ ତାକୁ ହରାଇ ଦିଆଯାଇଛି ବୋଲି ସେ ଦାବି କରିଥିଲେ । ଏହି ପ୍ରକ୍ରିୟାକୁ କେନ୍ଦ୍ରର ଶାସକ ଦଳ ପାଇଁ ବିଶେଷ ଅନୁକୂଳ ବ୍ୟବସ୍ଥା ବୋଲି କହି ସେ ତୀବ୍ର କଟାକ୍ଷ କରିଥିଲେ । ଦେଶରେ ଗଣତନ୍ତ୍ର ଓ ନାଗରିକଙ୍କ ଭୋଟ ଅଧିକାରର ସୁରକ୍ଷା ପାଇଁ ସମସ୍ତ ବିରୋଧୀ ଦଳଗୁଡ଼ିକ ଗୋଟିଏ ମଞ୍ଚରେ ଏକାଠି ହେବା ଆବଶ୍ୟକ ବୋଲି ସେ ଜୋରଦାର ଆହ୍ୱାନ ଦେଇଛନ୍ତି ।

ଜାତୀୟ ଚେତନା
JATIYA CHETANA

ଯୁବପିଢ଼ିଙ୍କୁ ସଶକ୍ତ କରିବା ଆମ ପ୍ରାଥମିକତା: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ଜା.ପ୍ର): ଦକ୍ଷତା ବିକାଶ ଏବଂ ନିଯୁକ୍ତି ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରିବା ହେଉଛି ଆମ ସରକାରଙ୍କ ପ୍ରାଥମିକତା। ରବିବାର ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଅଡିଟୋରିୟମ୍ ଠାରେ ଅନୁଷ୍ଠିତ ୧୮ତମ ନିଯୁକ୍ତି ମେଳା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହା କହିଛନ୍ତି। ଏହି ଅବସରରେ ରାଜ୍ୟର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନ ବିଦ୍ୟାଳୟଗୁଡ଼ିକରେ ୨୦୬୭ ଜଣ ସେବକ-ସେବିକା ଓ ଜନଜାତି ଭାଷା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର କ୍ଷମତାକୁ ଆସିବା ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଖାଲିଥିବା ସରକାରୀ ପଦପଦବୀ ଗୁଡ଼ିକୁ ପର୍ଯ୍ୟାୟକ୍ରମେ ପୂରଣ କରୁଛନ୍ତି।୨୦୨୪ ଜୁନ୍ ମାସରୁ ଆରମ୍ଭ ହୋଇଥିବା ଏହି ନିଯୁକ୍ତି ପ୍ରକ୍ରିୟାରେ ଆଜିର ୧୮ତମ ନିଯୁକ୍ତି ମେଳାର ୨,୦୬୭ ଜଣଙ୍କୁ ମିଶାଇ ସମୁଦାୟ ୪୮,୬୪୨ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଆଜି ୧,୯୧୩ ଜଣ ସେବକ-ସେବିକା ଏବଂ ୧୫୪ ଜଣ ଜନଜାତି ଭାଷା ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି।

ଶିକ୍ଷକ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇ ଆଜି ସୁଦ୍ଧା ୨୮, ୬୯୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୪୦ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ହୋଇଥିବାରୁ, ସେମାନଙ୍କ ଶିକ୍ଷାଗତ ମାନବୃଦ୍ଧି ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି। ନୂତନ ଜାତୀୟ ଶିକ୍ଷାନୀତି ଅନୁଯାୟୀ ପ୍ରାଥମିକସ୍ତରରେ ମାତୃଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ଓଡ଼ିଶାରେ ସାନ୍ତାଳୀ ସମେତ ୧୦ଟି ଆଦିବାସୀ ଭାଷାରେ ବିଦ୍ୟାଳୟ ସ୍ତରରେ ଶିକ୍ଷାଦାନ କରାଯାଉଛି। ଏହାବ୍ୟତୀତ ଡ୍ରପ୍-ଆଉଟ୍ ହାର ରୋକିବା ପାଇଁ 'ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା' ମାଧ୍ୟମରେ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ରାଜ୍ୟରେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ସଂଖ୍ୟା ୬୯କୁ ବୃଦ୍ଧି କରାଯାଇଥିବାବେଳେ ବର୍ଷକୁ ୫୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ 'ବିଦେଶ ଶିକ୍ଷାବୃତ୍ତି ଯୋଜନା' ମଧ୍ୟ ଆରମ୍ଭ କରାଯାଇଛି।

ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଶିକ୍ଷକମାନଙ୍କୁ ଜଣେ ଶିକ୍ଷକ ଭାବେ ପରାମର୍ଶ ଦେଇ କହିଛନ୍ତି ଯେ, ବିଦ୍ୟାଳୟରେ ପିଲାମାନଙ୍କ ମନରେ ସୁରକ୍ଷା ଓ ଆତ୍ମବିଶ୍ୱାସର ଭାବ ଜାଗ୍ରତ କରନ୍ତୁ ଏବଂ କଠିନ ନହୋଇ ଜଣେ ଆଦର୍ଶ ବନ୍ଧୁ ହୁଅନ୍ତୁ। ସେମାନଙ୍କର ମାର୍ଗଦର୍ଶନ କରନ୍ତୁ। କାର୍ଯ୍ୟକ୍ଷେତ୍ରର ବିଭିନ୍ନ ଆହ୍ୱାନକୁ ଧୈର୍ଯ୍ୟ, ନିଷ୍ଠା ଓ ସକାରାତ୍ମକ ମନୋଭାବ ସହ ସମାଧାନ କରନ୍ତୁ। 'କର୍ମ ହିଁ ଭଗବାନ' ନୀତିକୁ ଆପଣାଇ ନିୟମିତତା ବଜାୟ ରଖନ୍ତୁ। ମଧ୍ୟାହ୍ନ ଭୋଜନ ଭଳି ଯୋଜନାରେ କୌଣସି ପ୍ରକାର ଅନିୟମିତତାକୁ ବରଦାସ୍ତ କରାଯିବ ନାହିଁ ତେଣୁ ତା ପ୍ରତି ସଚେତନ ରୁହନ୍ତୁ। ଶିକ୍ଷକତା ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଥିବା ମଦ୍ୟପାନ କିମ୍ବା ଶିକ୍ଷାର୍ଥୀଙ୍କ ପ୍ରତି ଅମାନବିକ ଦଣ୍ଡବିଧାନ ଭଳି ବିଶୃଙ୍ଖଳିତ ଆଚରଣରୁ ସମ୍ପୂର୍ଣ୍ଣ ଦୂରେଇ ରୁହନ୍ତୁ। ଆଦର୍ଶ ଆଚରଣ ଶିକ୍ଷକ ମାନଙ୍କ ପାଇଁ ଅଧିକ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାସହ, ଦକ୍ଷିଣ ଓଡ଼ିଶାର ବନ୍ୟା ପ୍ରଭାବିତ ଅଞ୍ଚଳରେ ନିଯୁକ୍ତି ପାଇଥିବା ସେବକ/ସେବିକା ମାନଙ୍କୁ ବନ୍ୟା ଘେରରେ ଥିବା ଲୋକଙ୍କୁ ସହାୟତାର ହାତ ବଢ଼ାଇବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ଖୋର୍ଦ୍ଧାରୁ ଆସିଥିବା ସୁଶ୍ରୀ ସୁଲଗ୍ନା ଦାସ, କେନ୍ଦୁଝରର ବିଜୟ କୁମାର ନାୟକ ନୂତନ ନିଯୁକ୍ତି ପାଇ ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ନିଜର ଅଭିଜ୍ଞତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ଏକାମ୍ର ବିଧାୟକ ବାବୁ ସିଂ, ଉନ୍ନୟନ କମିଶନର ଡିକେ ସିଂହ ଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ, ନବନିଯୁକ୍ତ ସେବକ ସେବିକା ଉପସ୍ଥିତ ଥିଲେ। ବିଭାଗୀୟ କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ ସ୍ୱାଗତ ଭାଷଣ ଓ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ସୁଜାତା ମିଶ୍ର ଧନ୍ୟବାଦ ଦେଇଥିଲେ।

ବଳ ଗୋଟାଉଛି 'ମୁରାସୁ'

ଭୁବନେଶ୍ୱର,(ଜା.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ରବିବାର ବାତ୍ୟାରେ ପରିଣତ ହୋଇଛି। ଏହି ବାତ୍ୟାର ନାଁ ହେଉଛି 'ମୁରାସୁ'। ଏହା ଆସନ୍ତାକାଲି ଅର୍ଥାତ ସୋମବାର ଭୀଷଣ ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି। ନଭେମ୍ବର ୩ ତାରିଖ ସକାଳେ ଏହା ଆନ୍ଧ୍ର ଉପକୂଳ ଅତିକ୍ରମ କରିପାରେ ବୋଲି ଆକଳନ କରାଯାଇଛି। ବାତ୍ୟା 'ମୁରାସୁ' ଏବେ ସମୁଦ୍ର ଭିତରେ ବଳ ଗୋଟାଉଛି, ଆଗକୁ ଆଗକୁ ବଢୁଛି। ଯେତିକି ଉପକୂଳ ମୁହାଁ ହେଉଛି, ସେତିକି ବଳିୟାନ୍ ହେଉଛି। ଆଗାମୀ ୨୪ ଘଣ୍ଟାରେ ଏହା ଆହୁରି ଭୟଙ୍କର ରୂପ ନେବ, ବଢ଼ିବ ତୀବ୍ରତା। ପାଣିପାଗ ବିଭାଗ ପୂର୍ବାନୁମାନ କରିଛି, ଆସନ୍ତାକାଲି ସକାଳେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସିଭିୟର ସାଇକ୍ଲୋନିକ୍ ଷ୍ଟର୍ମ ବା ଭୀଷଣ ବାତ୍ୟାରେ ପରିଣତ ହେବ। ତାପରେ ଉତ୍ତର ପଶ୍ଚିମ ଦିଗରେ ଗତକି କରି ମୁହାଁଇବ ଆନ୍ଧ୍ର ଉପକୂଳ। 'ମୁରାସୁ' ଆସନ୍ତାକାଲି ମଧ୍ୟରାତ୍ରିରୁ ୩ ତାରିଖ ଭୋର ୪ଟା ଭିତରେ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ରହିଛି। ଭୀଷଣ ବାତ୍ୟା ଭାବେ ନେଲୁର୍ ଓ ନରସାପୁର ମଝିରେ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳରେ ଲ୍ୟାଣ୍ଡଫଲ୍ କରିପାରେ। ସେତେବେଳେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିଲୋମିଟର ରହିବ। ଝଟକା ପବନର ବେଗ ୧୨୦ କିଲୋମିଟର ଯାଏଁ ଛୁଇଁପାରେ।

ଭାରତୀୟ ପାଣିପାଗ ବିଭାଗ ଜାରି କରିଥିବା ଗତକାଲିର ଟ୍ରାକ୍ ଅନୁସାରେ ବାତ୍ୟା ଆନ୍ଧ୍ର ଉପକୂଳ ଛୁଇଁବା ପରେ ସିଧା ସ୍ଥଳଭାଗରେ ତେଲେଙ୍ଗାନା ଆଡ଼କୁ ଅଗ୍ରସର ହେବାର ସମ୍ଭାବନା ଥିଲା। କିନ୍ତୁ ଆଜି ଜାରି ହୋଇଥିବା ଟ୍ରାକ୍‌ରେ ସମ୍ଭାବ୍ୟ ଗତିପଥରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ଅର୍ଥାତ ଲ୍ୟାଣ୍ଡଫଲ୍ ପରେ ଦିଗ ବଦଳାଇପାରେ 'ମୁରାସୁ'। ବାତ୍ୟା ଆନ୍ଧ୍ର ଉପକୂଳ ନିକଟକୁ ଆସିବା ପରେ ତୀକ୍ଷ୍ଣ ମୋଡ଼ ନେଇ ଉତ୍ତର ଦିଗକୁ ମୁହାଁଉଛି। ସ୍ଥଳଭାଗ ଛୁଇଁବା ପରେ ସିଧା ଉତ୍ତର ଦିଗରେ ତେଲେଙ୍ଗାନା ଓ ମଧ୍ୟପ୍ରଦେଶ ଆଡ଼କୁ ଗତି କରିବ। ବାତ୍ୟା ପ୍ରଭାବରେ ଆଜି ରାତିରୁ ବଢ଼ିବ ପବନ ବେଗ। ଘଣ୍ଟାପ୍ରତି ୮୦ରୁ ୯୦ ଓ ଝଟକା ପବନ ୧୦୦ କିମି ଛୁଇଁପାରେ। ଆସନ୍ତାକାଲି ପବନର ବେଗ ଆହୁରି ବଢ଼ିବ। ବାତ୍ୟା ଆନ୍ଧ୍ର ଉପକୂଳକୁ ମୁହାଁଇଲେ ବି ଓଡ଼ିଶାରେ ରହିବ ପ୍ରଭାବ। ପୁଣି ଦକ୍ଷିଣ ଓଡ଼ିଶାରେ ବର୍ଷା ଓ ପବନ ହେବ। କିନ୍ତୁ ଅର୍ଣ୍ଣବ ଭଳି ପ୍ରଭାବ ସେତେ ଅଧିକ ରହିବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ ଆସନ୍ତାକାଲି ଗଜପତି ଓ ଗଞ୍ଜାମ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଅଧିକ ବର୍ଷା ହେବ ୩ ଓ ୪ ତାରିଖରେ। ୩ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ (୧୨ରୁ ୨୦ ସେମି) ବର୍ଷା ହୋଇପାରେ। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିଭଳି ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୪ ତାରିଖରେ ମଧ୍ୟ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ (୧୨ରୁ ୨୦ ସେମି) ବର୍ଷା ହୋଇପାରେ। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଦିନ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ବଲାଙ୍ଗିର, ନୂଆପଡ଼ା ଓ ବରଗଡ଼ ଜିଲ୍ଲାର କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଗିଡ଼ିପାବାଲିରେ ମାଟି ତଳୁ ଜୀବନଖୋଜା, ୨ ମୃତଦେହ ଉଦ୍ଧାର

ଭୁବନେଶ୍ୱର,(ଜା.ପ୍ର): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଗିଡ଼ିପାବାଲି ଭୂସ୍ଖଳନ ଘଟଣାରେ ଏଯାଏଁ ୨ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ଉଭୟ ମୃତକଙ୍କ ପରିଚୟ ଚିହ୍ନଟ ସରିଥିବା ସୂଚନା ଦେଇଛନ୍ତି ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ। ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ଉଦ୍ଧାର କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜୀବନର ଅନିଶ୍ଚିତତା ଭିତରେ ମେଞ୍ଚା ମେଞ୍ଚା ଅଧୁରା ଆଶାକୁ ଧରି ଆଜି ବି ଚାଲିଛି ମାଟିତଳୁ ଜୀବନ ଖୋଜା। ଗଞ୍ଜାମ ଭଞ୍ଜନଗରର ଗିଡ଼ିପାବାଲି। ବିରାଟ ବିରାଟ ପଥର। ମାଟିର ପାହାଡ଼। ଭିତରୁ ଦିଶୁଛି ଭଙ୍ଗା ଘରର ଅବଶେଷ। ତା ଭିତରେ ହଜିଛି ୧୦ ଜୀବନ। ଧ୍ୱଂସସ୍ତୂପ ଭିତରେ କେଉଁଠି ଲୁଚିଛି ମଣିଷ, କେଉଁଠି ପୋତି ହୋଇଛି ଜୀବନ। କେଉଁଠି ସମାଧି ନେଇଛି କାହା ସଂସାର...କାହାରିକୁ କିଛି ବି ଜଣା ନାହିଁ । ମାଟି ତଳେ କିଏ ଅଛି, କିଏ ନାହିଁ...ଉତ୍ତର ଖୋଜୁଛି ମଣିଷ। ୧୫୦ରୁ ଅଧିକ ରେସ୍କ୍ୟୁ ଟିମ୍ । ଏନ୍‌ଡିଆର୍‌ଏଫ୍ ସାଙ୍ଗକୁ ଓଡ୍ରାଫ୍, ଏସଓଜି, ଫାୟାର୍ ଆଉ ରେଲୱେର ମେକାନିକାଲ୍ ଟିମ୍। ମାଟି ପଙ୍କରେ ହଜିଯାଇଥିବା ମଣିଷଙ୍କ ଠିକଣା ଖୋଜୁଛନ୍ତି। ଏହାରି ଭିତରେ ଦୁଇ ଜଣ ଫେରିଛନ୍ତି...ହେଲେ ଜୀବନ ନେଇ ନୁହେଁ। ପଥର ତଳୁ ଉଦ୍ଧାରକାରୀ ଦଳ ଦୁଇଜଣଙ୍କ ମୃତଦେହ ଉଦ୍ଧାର କରିଛି। ବଳକା ୧୦ ଜଣଙ୍କ ସନ୍ଧାନ ପାଇଁ ଲାଇଫ୍ ଡିଟେକ୍ସନ୍ ୟୁନିଟର ସହାୟତା ନିଆଯାଇଛି। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ବାହିନୀ, ଓଡ୍ରାଫ୍, ଏନ୍‌ଡିଆରଏଫ୍ ଏବଂ ରେଲୱେ ଟିମ୍ ନିୟୋଜିତ ଅଛନ୍ତି। ଘଟଣାସ୍ଥଳକୁ ରାସ୍ତା ନଥିବାରୁ ସେଠାକୁ କ୍ରେନ୍ ନେବା ସମ୍ଭବ ନୁହେଁ ବୋଲି ଅଗ୍ନିଶମ ଡିଜି କହିଛନ୍ତି। ଭୂସ୍ଖଳନରେ ଖସିପଡ଼ିଥିବା ବଡ଼ ବଡ଼ ପଥରଗୁଡ଼ିକୁ ନିୟନ୍ତ୍ରିତ ବିସ୍ଫୋରଣ ମାଧ୍ୟମରେ ହଟାଇବାକୁ ଯୋଜନା କରାଯାଇଛି। ଉଦ୍ଧାର କାର୍ଯ୍ୟକୁ ସୁରକ୍ଷିତ ଭାବେ ଶେଷ କରିବା ଉପରେ ଉଦ୍ଧାରକାରୀ ଦଳ ଗୁରୁତ୍ୱ ଦେଉଛନ୍ତି।

ବୁଧବାର ଭୋର ସମୟରେ ଭୂସ୍ଖଳନ ଦେଖିଥିବା ଗିଡ଼ିପାବାଲିର ଦୁର୍ଦ୍ଦଶା ପ୍ରାୟ ଅଢେଇ ଦିନ ଧରି କେହି ଜାଣିନଥିଲେ। ପୀଡ଼ିତଙ୍କ ସୂଚନା ପରେ ଶୁକ୍ରବାର ଅପରାହ୍ନରୁ ଆରମ୍ଭ ହୋଇଥିଲା ଉଦ୍ଧାର ଅଭିଯାନ। ଆଉ ଗତକାଲି ସକାଳ ଅର୍ଥାତ ଶନିବାରଠୁ ହିଁ ମାଟି ତଳୁ ଖୋଜା ଚାଲିଛି ଜୀବନ। ବାସ୍ତବରେ ଜୀବିତ ଅଛନ୍ତି ତ ନିଖୋଜ ୧୦ ଜଣ। ୪ ଦିନ ହେଲା ମାଟି ତଳେ କେମିତି ଥିବ ସେମାନଙ୍କ ଅବସ୍ଥା ? ସେଇଠି ପୋତି ହୋଇଛନ୍ତି ନା କାଦୁଅ ସହ ଆଉ କେଉଁଠିକୁ ଭାସିଯାଇଛନ୍ତି ? ଉଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ହିଁ ତାହା ସ୍ପଷ୍ଟ ହୋଇପାରିବ।

ଆଇପିଏସ୍‌ସ୍ତରରେ ଅଦଳବଦଳ, ଜେଲ୍ ଡିଜି ପଦରୁ ହଟିଲେ ସୁଶାନ୍ତ ନାଥ

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶା ସରକାର ୮ ଜଣ ଆଇପିଏସ୍ ଅଧିକାରୀ ଏବଂ ଜଣେ ଓପିଏସ୍ ଅଧିକାରୀଙ୍କ ବଦଳି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରବିବାର ଏନେଇ ରାଜ୍ୟ ସରକାରଙ୍କ ଗୃହ ବିଭାଗରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ଜେଲ୍ ଡିଜି ପଦରୁ ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ସୁଶାନ୍ତ କୁମାର ନାଥଙ୍କୁ ହଟାଇ ଦିଆଯାଇଛି। ତାଙ୍କୁ ଓଏସ୍‌ଡି ଭାବେ ଗୃହ ବିଭାଗକୁ ବଦଳି କରାଯାଇଛି। ସେହିପରି ୧୯୯୫ ବ୍ୟାଚ୍‌ର ଆଇପିଏସ୍ ଅଫିସର ତଥା ଏସ୍‌ଏଫଏସଏଲ ନିର୍ଦ୍ଦେଶକ ଥିବା ସନ୍ତୋଷ ବାଲାଙ୍କୁ ଜେଲ୍ ବିଭାଗର ଅତିରିକ୍ତ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅମିତାଭ ଠାକୁର ପରିବହନ କମିଶନର ଭାବେ କଟକରେ ଅବସ୍ଥାପିତ ହୋଇଥିବା ବେଳେ ଜେଲ ବିଭାଗର ଅତିରିକ୍ତ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କୁ ଜେଲ ବିଭାଗର ଅତିରିକ୍ତ ଡିଜି ଦାୟିତ୍ୱରୁ ମୁକ୍ତ କରାଯାଇଛି। ସେ କେବଳ ପରିବହନ କମିଶନର ଭାବେ ତାଙ୍କ ଦାୟିତ୍ୱ ତୁଲାଇବେ। ରାଜ୍ୟ ସଶସ୍ତ୍ର ପୁଲିସର ଅତିରିକ୍ତ ଡିଜି ଭାବେ କାର୍ଯ୍ୟ କରୁଥିବା ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ରାଜେଶ କୁମାରଙ୍କୁ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ।

ସେହିପରି କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ୨୦୧୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ସାରା ଶର୍ମାଙ୍କୁ ଭିଜିଲାନ୍ସ ଡିଆଇଜି ଭାବେ ଅବସ୍ଥାପିତ କରାଯାଇଛି। ଝାରସୁଗୁଡ଼ା ଏସ୍‌ପି ଶ୍ରୀ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କୁ କଟକ ସ୍ଥିତ ପୁଲିସ ମୁଖ୍ୟାଳୟକୁ ଏଆଇଜି ଭାବେ ବଦଳି କରାଯାଇଛି। ସେହିପରି ନୂଆପଡ଼ା ଏସ୍‌ପି ଅମୃତପାଲ ସିଂହଙ୍କୁ କଟକ ସ୍ଥିତ ରାଜ୍ୟ ପୁଲିସ ପୁଲିସ ମୁଖ୍ୟାଳୟକୁ ଏସ୍‌ପି ଭାବେ ବଦଳି କରାଯାଇଛି। ଖୋର୍ଦ୍ଧାରେ ଅତିରିକ୍ତ ଏସ୍‌ପି ଭାବେ କାର୍ଯ୍ୟ କରୁଥିବା ୨୦୨୨ ବ୍ୟାଚ୍‌ର ଆଇପିଏସ୍ ଅଫିସର ସୋନାଲି ସିଂହ ପାରମରଙ୍କୁ ଝାରସୁଗୁଡ଼ା ଏସ୍‌ପି ଭାବେ ବଦଳି କରାଯାଇଛି। ଅନ୍ୟପକ୍ଷରେ କଟକ ସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟରେ ଏଆଇଜି ଭାବେ କାର୍ଯ୍ୟ କରୁଥିବା ଓପିଏସ୍ ଅଫିସର ତପନ ନାରାୟଣ ରଥଙ୍କୁ ନୂଆପଡ଼ା ଏସ୍‌ପି ଭାବେ ବଦଳି କରାଯାଇଛି।

ପ୍ରକାଶ ଯେ ସୁଶାନ୍ତ କୁମାର ନାଥଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ହୋଇଥିଲା। ଚୌଦ୍ୱାର ସର୍କଲ ଜେଲର ପୂର୍ବତନ ମହିଳା ଜେଲର୍ ସନ୍ତୋଷିନୀ ଜେନା ଏଭଳି ଅଭିଯୋଗ ଆଣିଥିଲେ। ଏନେଇ କଟକ ଚୌଦ୍ୱାର ଥାନାରେ ମାମଲା ରୁଜୁ କରାଯାଇଥିଲା। ମାମଲା ରୁଜୁ ପରେ ଏହାର ତଦନ୍ତ କରାଯାଉଛି। ଏପରି ଅଭିଯୋଗ ଆସିବା ପରେ ଜେଲ ଡିଜି ପଦବୀରୁ ସୁଶାନ୍ତ କୁମାର ନାଥଙ୍କୁ ସରକାର ହଟାଇ ଓଏସ୍‌ଡି ଭାବେ ଗୃହ ବିଭାଗକୁ ବଦଳି କରିଛନ୍ତି। ପୂର୍ବତନ ମହିଳା ଜେଲର୍ ଅଭିଯୋଗ କରିଛନ୍ତି ଯେ କୁଳଦୀପ ରଥ ନାମକ ଜଣେ ବ୍ୟକ୍ତି ଜେଲ୍ ପରିଦର୍ଶନରେ ଆସିଥିବା ବେଳେ ନିଜକୁ ଡିଜି (ଜେଲ୍)ଙ୍କ ବନ୍ଧୁ ଭାବେ ପରିଚୟ ଦେଇଥିଲେ ଓ ତାଙ୍କ ମୋବାଇଲ ନମ୍ବର ନେଇଥିଲେ। ପରେ କୁଳଦୀପ ରଥ ତାଙ୍କ ପାଖକୁ ଇମୋଜି ସହିତ ଏମିତି କିଛି ମେସେଜ୍ ପଠାଇଥିଲେ, ଯେଉଁଗୁଡ଼ିକ ଗ୍ରହଣଯୋଗ୍ୟ ନୁହେଁ। ୨୦୨୫ ଅଗଷ୍ଟ ୨୯ ଓ ସେପ୍ଟେମ୍ବର ୨୫ ଓ ୨୬ ତାରିଖରେ କୁଳଦୀପ ରଥ ତାଙ୍କୁ ଏକ ହୋଟେଲକୁ ଏକୁଟିଆ ଆସିବାକୁ ନିମନ୍ତ୍ରଣ କରିଥିଲେ। ସେଠାରେ ଜେଲ ଡିଜି ତାଙ୍କୁ ଏକାକୀ ଭେଟିବାକୁ ଚାହୁଁଥିବା ସେ କହିଥିଲେ। ତେବେ ପୂର୍ବତନ ମହିଳା ଜେଲର ଏହି ନିମନ୍ତ୍ରଣକୁ ଅଗ୍ରାହ୍ୟ କରିଦେଇଥିଲେ। ଫଳସ୍ୱରୂପ ସୁଶାନ୍ତ କୁମାର ନାଥ ତାଙ୍କ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନଗୁଡ଼ିକୁ ତାଙ୍କର ସେହି ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ ସହିତ ଯୋଡ଼ିଥିଲେ। ଚଳିତ ବର୍ଷ ସେପ୍ଟେମ୍ବରରେ ହୋଇଥିବା ବୈଠକରେ ସେ ତାଙ୍କୁ କହିଥିଲେ, 'ତୁମେ ଯଦି ମୋତେ ଭେଟିବାକୁ ଆସିଥାଆନ୍ତ, ତା'ହେଲେ ଏସବୁର ସମ୍ମୁଖୀନ ହୋଇନଥାନ୍ତ। ପୂର୍ବତନ ମହିଳା ଜେଲର୍ ଆହୁରି ଅଭିଯୋଗ କରିଛନ୍ତି ଯେ ଚୌଦ୍ୱାର ଜେଲ୍‌ର ପୂର୍ବତନ ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କ ବିରୋଧରେ ସେ ଦେଇଥିବା ଏଫଆଇଆରକୁ ପ୍ରତ୍ୟାହାର କରିନେବାକୁ ତାଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ ସୁଶାନ୍ତ କୁମାର ନାଥ। ଏହା ସହିତ ତାଙ୍କୁ ଚାକିରିରୁ ବାହାର କରିଦେବାକୁ ତଥା ଶାରୀରିକ କ୍ଷତି ପହଞ୍ଚାଇବାକୁ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

ଜାତୀୟ ଚେତନା
JATIYA CHETANA

ଜାତୀୟ ଚେତନା
JATIYA CHETANA

ହ୍ୟାରୀ ଫ୍ରାଙ୍କଫର୍ଟଙ୍କ ଦାର୍ଶନିକ ଦୃଷ୍ଟିକୋଣ

ଆମ ଭାରତୀୟ ସଂସ୍କୃତି ଓ ଦର୍ଶନରେ ପ୍ରାଚୀନ କାଳରୁ ସତ୍ୟକୁ ସଭ୍ୟତାର ମୂଳଭିତ୍ତି ରୂପେ ମାନ୍ୟତା ଦିଆଯାଇଛି । ମୁଣ୍ଡକ ଉପନିଷଦର ସେହି ପ୍ରସିଦ୍ଧ ଉଦ୍ଦେଶ୍ୟ ଶାଶ୍ୱତ ଅଟେ, ଯାହା କହେ ଯେ ଶେଷରେ ସତ୍ୟର ହିଁ ବିଜୟ ଘଟିଥାଏ । ସତ୍ୟ ପ୍ରତି ଏହି ଗଭୀର ମର୍ଯ୍ୟାଦାବୋଧକୁ ବିଂଶ ଓ ଏକବିଂଶ ଶତାବ୍ଦୀର ପ୍ରଖ୍ୟାତ ଆମେରିକୀୟ ଦାର୍ଶନିକ ସ୍ୱର୍ଗତ ହ୍ୟାରୀ ଫ୍ରାଙ୍କଫର୍ଟ ଏକ ନୂତନ ଓ ବୈପ୍ଳବିକ ଦାର୍ଶନିକ ଚିନ୍ତାଧାରା ମାଧ୍ୟମରେ ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରିଥିଲେ । ଦର୍ଶନଶାସ୍ତ୍ରକୁ ତାଙ୍କର ସବାଧିକ ତାତ୍ପର୍ଯ୍ୟପୂର୍ଣ୍ଣ ଅବଦାନ ଭାବେ ବିବେଚିତ ହେଉଥିବା ତାଙ୍କର ଏହି ଗବେଷଣାତ୍ମକ ନିବନ୍ଧ ପ୍ରକାଶ ପାଇଥିଲା, ଯାହାର ମୂଳ ବିଷୟବସ୍ତୁ ଥିଲା ବକୱାସ ବା ନିରର୍ଥକ ଓ ସତ୍ୟହୀନ ବକ୍ତବ୍ୟର ସୂକ୍ଷ୍ମ ବିଶ୍ଳେଷଣ । ଏହି ରଚନା ମାଧ୍ୟମରେ ସେ ଏକ ଆଶ୍ଚର୍ଯ୍ୟଜନକ ସତ୍ୟ ଉଦ୍‌ଘାଟନ କରିଥିଲେ ଯେ, ଜଣେ ମିଥ୍ୟାବାଦୀ ତଥାପି ସତ୍ୟର ସନ୍ଧାକୁ ନିଜ ମନ ଭିତରେ ସ୍ୱୀକାର କରିଥାଏ ଏବଂ ନିଜ ସୁବିଧା ପାଇଁ ତାହାକୁ ଗୋପନ ରଖିଥାଏ । ମିଥ୍ୟାବାଦୀ ଜଣକ ଯଦି ସତ୍ୟକୁ ଗୁରୁତ୍ୱ ଦେଉନଥାନ୍ତା, ତେବେ ସେ ତାହାକୁ ଲୁଚାଇବା ପାଇଁ ଆଦୌ ପ୍ରୟାସ କରନ୍ତା ନାହିଁ । କିନ୍ତୁ ଜଣେ ପ୍ରକୃତ ବକୱାସକାରୀ ସତ୍ୟକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରିଥାଏ ଏବଂ ସତ୍ୟ ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରହିଥାଏ । ତା' ପାଇଁ ସତ୍ୟ ଓ ମିଥ୍ୟା ମଧ୍ୟରେ କୌଣସି ପାର୍ଥକ୍ୟ ନଥାଏ ଏବଂ ସେ ନିଜର ବୁଦ୍ଧି ଓ ସ୍ୱାର୍ଥ ସାଧନ ପାଇଁ ଶ୍ରୋତାଙ୍କ ଧ୍ୟାନକୁ ନିୟନ୍ତ୍ରଣ କରିବାକୁ କେବଳ ମନଗଢ଼ା କାହାଣୀ ସୃଷ୍ଟି କରିଥାଏ ।

ଫ୍ରାଙ୍କଫର୍ଟଙ୍କ ଦାର୍ଶନିକ ମାନଦଣ୍ଡ ଅନୁଯାୟୀ, କୌଣସି ବ୍ୟକ୍ତିର ବକ୍ତବ୍ୟ ବକୱାସ ରୂପେ ବିବେଚିତ ହେବା ପାଇଁ ତିନୋଟି ମୁଖ୍ୟ ଲକ୍ଷଣ ରହିବା ଆବଶ୍ୟକ । ପ୍ରଥମଟି ହେଉଛି ଅହଂକାରପୂର୍ଣ୍ଣ ଦମ୍ଭୋକ୍ତି, ଯେଉଁଥିରେ ବକ୍ତା ନିଜ କଥାକୁ ଏପରି ଦୃଢ଼ତାର ସହ ଉପସ୍ଥାପନ କରେ ଯେପରି ତାହା ସମ୍ପୂର୍ଣ୍ଣ ସତ୍ୟ । ଦ୍ୱିତୀୟଟି ହେଉଛି ସତ୍ୟ ପ୍ରତି ସମ୍ପୂର୍ଣ୍ଣ ଅବହେଳା ଓ ଉଦାସୀନତା, ଯେଉଁଥିରେ ବକ୍ତାଙ୍କର ମୂଳ ଲକ୍ଷ୍ୟ ସତ୍ୟ ପ୍ରକାଶ କରିବା ନୁହେଁ ବରଂ ଲୋକଙ୍କୁ ପ୍ରଭାବିତ ଓ ଉତ୍ତେଜିତ କରି ନିଜର ସ୍ୱାର୍ଥ ହାସଲ କରିବା । ଏବଂ ତୃତୀୟଟି ହେଉଛି ନିଜର ଏହି ସତ୍ୟ-ଉଦାସୀନତାକୁ ଅତ୍ୟନ୍ତ ଚାଲାକିର ସହ ସାଧାରଣ ଲୋକଙ୍କ ଆଖିରୁ ଲୁଚାଇ ରଖିବା, ଯାହାଫଳରେ ଶ୍ରୋତାମାନେ ତାଙ୍କ କଥାକୁ ପ୍ରକୃତ ସତ୍ୟ ବୋଲି ବିଶ୍ୱାସ କରିବେ । ଫ୍ରାଙ୍କଫର୍ଟ ଏହିଭଳି ସତ୍ୟ-ଉଦାସୀନ ବ୍ୟକ୍ତିମାନଙ୍କୁ ସଭ୍ୟତା ଓ ମାନବିକତାର ସବୁଠାରୁ ବଡ଼ ଶତ୍ରୁ ଭାବେ ଗ୍ରହଣ କରିଥିଲେ । ରାଜନୀତି କ୍ଷେତ୍ରରେ ଏପରି ନେତାମାନେ ନିଜର ଗୋଟିଏ ମିଥ୍ୟା ଦାବି ଧରାପଡ଼ିବା ମାତ୍ରେ ଅନ୍ୟ ଏକ ଦାବି ସୃଷ୍ଟି କରନ୍ତି, ନିଜର ପ୍ରତିଶ୍ରୁତି ପୂରଣ ନହେଲେ ବିଷୟବସ୍ତୁ ବଦଳାଇ ଦିଅନ୍ତି ଏବଂ ପ୍ରଶ୍ନ ଉଠିଲେ ଅଧିକ ଚମକପ୍ରଦ କାହାଣୀ ପ୍ରଚାର କରନ୍ତି ।

ଆଜି ଯଦି ଦାର୍ଶନିକ ଫ୍ରାଙ୍କଫର୍ଟ ଜୀବିତ ଥାଆନ୍ତେ, ତେବେ ସେ ନିଶ୍ଚିତ ଭାବେ ଏକମତ ହୁଅନ୍ତେ ଯେ ଯଦି ବିଶ୍ୱରେ ନିରର୍ଥକ ବକୱାସ ପାଇଁ କୌଣସି ନୋବେଲ ପୁରସ୍କାରର ବ୍ୟବସ୍ଥା ଥାଆନ୍ତା, ତେବେ ସେହି ସ୍ୱତନ୍ତ୍ର ପୁରସ୍କାର ପାଇଁ ସବୁଠାରୁ ଯୋଗ୍ୟତମ ଦାବିଦାର ଅନ୍ୟ କେହି ନୁହନ୍ତି, ବରଂ ତାଙ୍କ ନିଜ ଦେଶ ଆମେରିକାର ବର୍ତ୍ତମାନର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହୋଇଥାଆନ୍ତେ । ଟ୍ରମ୍ପଙ୍କ ଏହିସବୁ ଗୁଣାବଳୀର ତାଲିକା ଏତେ ଦୀର୍ଘ ଯେ ତାହାକୁ ସମ୍ପୂର୍ଣ୍ଣ ଭାବେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ଏହାର ଏକ ଜ୍ୱଳନ୍ତ ଉଦାହରଣ ନିକଟରେ ଦେଖିବାକୁ ମିଳିଥିଲା, ଯେତେବେଳେ ସେ ମିସିଗାନ ରାଜ୍ୟର ଏକ ନିର୍ବାଚନୀ ସମାବେଶରେ ନିଜର ପୁରୁଣା ବକ୍ତବ୍ୟକୁ ଦୋହରାଇଥିଲେ । ସେ ଦାବି କରିଥିଲେ ଯେ ସେ ଭାରତ-ପାକିସ୍ତାନ ସୀମାନ୍ତ ବିବାଦ ସମେତ ବିଶ୍ୱର ଆଠଟି ବଡ଼ ଯୁଦ୍ଧ ବନ୍ଦ କରିଥିବାରୁ ୨୦୨୬ ମସିହାର ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ସମ୍ପୂର୍ଣ୍ଣ ହକ୍‌ଦାର ।

ଏତିକିରେ ତାଙ୍କର ବକ୍ତବ୍ୟ ସୀମିତ ରହିନଥିଲା । ନିଜକୁ ନୋବେଲ ପୁରସ୍କାର ନମିଳିବା ଏବଂ ତାହା ଦକ୍ଷିଣ ଆଫ୍ରିକାର ବିଚାରପତି ନାଭି ପିଲେଙ୍କୁ ପ୍ରଦାନ କରାଯିବା ଘଟଣାରେ ଅତ୍ୟନ୍ତ ଅସନ୍ତୁଷ୍ଟ ହୋଇ ସେ ପୁରସ୍କାର ପ୍ରଦାନକାରୀ ଦେଶ ନରୱେ ବିରୋଧରେ ବିଷୋଦ୍‌ଗାର କରିଥିଲେ । ଜଣେ ରାଷ୍ଟ୍ରପତି ସୁଲଭ ସୌଜନ୍ୟତାକୁ ଭୁଲି ସେ ନରୱେ ଭଳି ଏକ ଶାନ୍ତିପ୍ରିୟ ଦେଶକୁ ଅତ୍ୟନ୍ତ ଅସଭ୍ୟ ଓ ନିନ୍ଦନୀୟ ଭାଷାରେ ବର୍ଣ୍ଣନା କରିବା ସହ ସେହି ଦେଶର କୌଣସି ନାଗରିକଙ୍କୁ ଆମେରିକାରେ ପ୍ରବେଶ କରିବାକୁ ଦେବେ ନାହିଁ ବୋଲି ଧମକ ଦେଇଥିଲେ । ନିଜର ସମର୍ଥକମାନଙ୍କର ସମବେଦନା ଓ ଭୋଟ ହାସଲ କରିବା ପାଇଁ ସେ ସମସ୍ତ ସୀମା ଅତିକ୍ରମ କରି ପ୍ରକାଶ କରିଥିଲେ ଯେ, ସେ ଏଥର ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯାଉଛନ୍ତି ବୋଲି ନିଜ ପତ୍ନୀଙ୍କୁ ମଧ୍ୟ ଜଣାଇସାରିଥିଲେ ।

ରାଜନୈତିକ ଫାଇଦା ପାଇଁ ସତ୍ୟକୁ ସମ୍ପୂର୍ଣ୍ଣ ରୂପେ ଜଳାଞ୍ଜଳି ଦେଇ ଏଭଳି ହାସ୍ୟାସ୍ପଦ ଓ ସତ୍ୟ-ଉଦାସୀନ ବକ୍ତବ୍ୟ ରଖିବା କେବଳ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ନଷ୍ଟ କରେ ନାହିଁ, ବରଂ ଗୋଟିଏ ମହାନ ରାଷ୍ଟ୍ରର ଗୌରବକୁ ମଧ୍ୟ କ୍ଷୁଣ୍ଣ କରିଥାଏ । ଫ୍ରାଙ୍କଫର୍ଟଙ୍କ ଶବ୍ଦରେ କହିବାକୁ ଗଲେ, ସତ୍ୟକୁ ଅସମ୍ମାନ କରୁଥିବା ଏହିଭଳି ବ୍ୟକ୍ତିମାନେ ସଭ୍ୟତାର ପ୍ରକୃତ ଶତ୍ରୁ । ଶାନ୍ତି ପୁରସ୍କାର ପାଇଁ ବ୍ୟାକୁଳ ହେଉଥିବା ଏପରି ନେତାମାନଙ୍କୁ ସମାଜ ଓ ଦର୍ଶନଶାସ୍ତ୍ର କେବଳ ଏତିକି କହିପାରିବ ଯେ, ସତ୍ୟକୁ ଜାଲିଆତି କରି ଶାନ୍ତି ପୁରସ୍କାର ଦାବି କରିବା ପରିବର୍ତ୍ତେ ନିଜର ସତ୍ୟହୀନ ବକୱାସ ପାଇଁ ଦିଆଯାଉଥିବା ପୁରସ୍କାର ଗ୍ରହଣ କରି ନୀରବ ରହିବା ହିଁ ଶ୍ରେୟସ୍କର ।

ଇନ୍ଧନ ମୂଲ୍ୟ ବୃଦ୍ଧିର ଆଶୁ ଆବଶ୍ୟକତା

ସୁଜାତା ପ୍ରିୟଦର୍ଶିନୀ ପଣ୍ଡା

ବର୍ତ୍ତମାନର ବିଶ୍ୱ ରାଜନୀତି ଏବଂ ସାମଗ୍ରିକ ପରିସ୍ଥିତି ଯୋଗୁଁ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ମୂଲ୍ୟ ଯେପରି ଭାବରେ ଅହେତୁକ ଭାବରେ ବୃଦ୍ଧି ପାଇବାରେ ଲାଗିଛି, ତାହା ଭାରତ ଭଳି ଏକ ବିକାଶଶୀଳ, ଜନବହୁଳ ଏବଂ ଶକ୍ତି ଆମଦାନୀ ଉପରେ ପ୍ରାୟତଃ ନିର୍ଭରଶୀଳ ଦେଶ ପାଇଁ ଏକ ଅତି ଗୁରୁତର ଏବଂ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି । ବିଶେଷକରି ମଧ୍ୟପ୍ରାଚ୍ୟରେ ଲାଗିରହିଥିବା ଭୟଙ୍କର ଯୁଦ୍ଧ, ରାଜନୈତିକ ଅସ୍ଥିରତା ଏବଂ ବିଭିନ୍ନ ଦେଶର କୂଟନୈତିକ କଟକଣା କାରଣରୁ ବିଶ୍ୱ ଶକ୍ତି ବଜାରର ସନ୍ତୁଳନ ସମ୍ପୂର୍ଣ୍ଣ ରୂପେ ବିଗିଡ଼ି ଯାଇଛି । ଆମଦାନି ମାଧ୍ୟମରେ ନିଜର ମୋଟ ତୈଳ ଚାହିଦାର ପାଖାପାଖି ପଞ୍ଚାଅଶୀ ଶତାଂଶ ପୂରଣ କରିବାକୁ ପଡୁଥିବା ଭାରତ ପାଇଁ ଏହି ବର୍ଦ୍ଧିତ ମୂଲ୍ୟ ଏକ ପ୍ରକାର ଅସହନୀୟ ଆର୍ଥିକ ବୋଝ ସୃଷ୍ଟି କରୁଛି । ଦେଶର ତୈଳ ବିଶୋଧନାଗାରଗୁଡ଼ିକୁ ବର୍ତ୍ତମାନ ବାଧ ହୋଇ ଅଶୋଧିତ ତୈଳ ବ୍ୟାରେଲ ପିଛା ହାରାହାରି ଏକ ଶିଏ କୋଡ଼ିଏ ଡଲାର ମୂଲ୍ୟ ଦେଇ କ୍ରୟ କରିବାକୁ ପଡୁଛି, ଯାହାକି ବିଗତ ବାର ବର୍ଷର ସର୍ବାଧିକ ମାସିକ ହାରାହାରି ମୂଲ୍ୟ ଅଟେ । ଯଦିଓ ରୁଷିଆଠାରୁ କିଛି ମାତ୍ରାରେ ରିହାତି ମୂଲ୍ୟରେ ତୈଳ ଆମଦାନି ହୋଇ ଦେଶର ଆର୍ଥିକ ବୋଝକୁ କିଛିଟା ଲାଘବ କରିବାରେ ସହାୟକ ହୋଇଛି, ତଥାପି ଆନ୍ତର୍ଜାତିକ ବାଣିଜ୍ୟ ନୀତି, ଆମେରିକାର ଟାରିଫ ନୀତି ଏବଂ କଟକଣାଗୁଡ଼ିକର ଅନିଶ୍ଚିତତା କାରଣରୁ ସେହି ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ଭରସା କରାଯାଇପାରିବ ନାହିଁ । ଏପରି ସ୍ଥିତିରେ ନିକଟ ଭବିଷ୍ୟତରେ ଇରାନରୁ ପୁଣିଥରେ ସ୍ୱାଭାବିକ ଭାବେ ତୈଳ ଆମଦାନି ଆରମ୍ଭ ହେବାର ଆଶା ମଧ୍ୟ ଅତି କ୍ଷୀଣ ରହିଛି ।

ଅନ୍ୟାନ୍ୟ ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ତୁଳନାରେ ପେଟ୍ରୋଲ ଓ ଡିଜେଲ ଭଳି ଜୀବନରେକାଳୀନ ଇନ୍ଧନର ଖୁଚୁରା ଦର ସିଧାସଳଖ ସାଧାରଣ ଜନସାଧାରଣଙ୍କ ଦୈନନ୍ଦିନ ଜୀବନଯାତ୍ରାକୁ ପ୍ରଭାବିତ କରିଥାଏ । ଖାଉଟିମାନେ ଏହି ଦ୍ରବ୍ୟଗୁଡ଼ିକର ମୂଲ୍ୟ ବୃଦ୍ଧି ପ୍ରତି ଅତ୍ୟନ୍ତ ସ୍ପର୍ଶକାତର ହୋଇଥିବାରୁ, ଏଥିରେ ସାମାନ୍ୟ ପରିବର୍ତ୍ତନ ମଧ୍ୟ ସରକାରଙ୍କ ପ୍ରତି ଜନସାଧାରଣଙ୍କ ଅସନ୍ତୋଷ, କ୍ରୋଧ ଏବଂ ବିମୁଖତା ସୃଷ୍ଟି କରିବାର ଦୃଢ଼ ସମ୍ଭାବନା ରହିଥାଏ । କେବଳ ଭାରତ ନୁହେଁ, ବରଂ ବିଶ୍ୱର ସର୍ବାଧିକ କ୍ଷମତାଶାଳୀ ତଥା ଧନଶାଳୀ ରାଷ୍ଟ୍ରମାନଙ୍କରେ ମଧ୍ୟ ତୈଳ ଦର ବୃଦ୍ଧି କିପରି ଶାସକ ସରକାରଙ୍କୁ ଥରହର କରିଦେଇଥାଏ, ତାହା ବିଭିନ୍ନ ସମୟରେ ପ୍ରମାଣିତ ହୋଇଛି । ଆମେରିକା ଭଳି ଦେଶରେ ମଧ୍ୟ ତୈଳ ଦର ବୃଦ୍ଧିକୁ ନେଇ ସରକାରଙ୍କୁ ବିଭିନ୍ନ ପ୍ରକାର ଅଡୁଆର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଏହି ରାଜନୈତିକ ଭୟ ଏବଂ ଜନସାଧାରଣଙ୍କ ପ୍ରତିକ୍ରିୟାକୁ ଦୃଷ୍ଟିରେ ରଖି ସରକାର ସର୍ବଦା ଘରୋଇ ବଜାରରେ ଖାଉଟି ଦରକୁ କୌଣସି ପ୍ରକାରେ ନିୟନ୍ତ୍ରଣରେ ରଖିବାକୁ କ୍ଷଣସ୍ଥାୟୀ ପ୍ରୟାସ କରିଥାନ୍ତି । ଫଳସ୍ୱରୂପ, ତୈଳ ବିକ୍ରୟ କମ୍ପାନିଗୁଡ଼ିକ ଆନ୍ତର୍ଜାତିକ ବଜାରର ପ୍ରକୃତ ଆବଶ୍ୟକତା ଅନୁଯାୟୀ ବଜାର ଦର ବୃଦ୍ଧି କରିପାରି ନାହାନ୍ତି ଏବଂ ବାଧ ହୋଇ ପ୍ରଚୁର ପରିମାଣରେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି ।

ସରକାର ମଧ୍ୟ ଏହି ଆର୍ଥିକ କ୍ଷତିର ଏକ ବଡ଼ ଅଂଶ ନିଜ ମୁଣ୍ଡକୁ ନେବାକୁ ବାଧ ହୋଇଛନ୍ତି । ଗତ ମାର୍ଚ୍ଚ ମାସରେ ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଆଦାୟ ହେଉଥିବା ସ୍ୱତନ୍ତ୍ର ଏକ୍ସାଇଜ୍ ଶୁଳ୍କରେ ଲିଟର ପିଛା ଦଶ ଟଙ୍କା ଲେଖାଏଁ ହ୍ରାସ ଘଟାଇଥିଲେ, ଯାହାଫଳରେ ରାଜକୋଷକୁ ବାର୍ଷିକ ପ୍ରାୟ ଦେଢ଼ ଲକ୍ଷ କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡ଼ିଥିଲା । ପରେ ମେ' ମାସରେ ଅନ୍ୟ କୌଣସି ଉପାୟ ନ ପାଇ ସରକାର ଏହି ଦୁଇ ଇନ୍ଧନର ମୂଲ୍ୟରେ ଚାରୋଟି କିସ୍ତିରେ ବୃଦ୍ଧି ଘଟାଇବାକୁ ବାଧ ହୋଇଥିଲେ । ସେତେବେଳେ ତୈଳ ବିକ୍ରୟ କମ୍ପାନିଗୁଡ଼ିକର ଦୈନନ୍ଦିନ କ୍ଷତିର ପରିମାଣ ପ୍ରାୟ ଏକ ହଜାର କୋଟି ଟଙ୍କାରେ ପହଞ୍ଚିଯାଇଥିଲା । ଏହି ମୂଲ୍ୟ ବୃଦ୍ଧି ପରେ କ୍ଷତିର ପରିମାଣ ଦୈନିକ ଛଅ ଶହ କୋଟି ଟଙ୍କାକୁ ହ୍ରାସ ପାଇଥିଲେ ମଧ୍ୟ ରାଷ୍ଟ୍ରାୟତ୍ତ ତୈଳ କମ୍ପାନିଗୁଡ଼ିକର ଆର୍ଥିକ ମେରୁଦଣ୍ଡ ଏବେ ମଧ୍ୟ ଗୁରୁତର ଭାବରେ ଭାଙ୍ଗି ପଡ଼ିଛି । ପ୍ରମୁଖ ତୈଳ କମ୍ପାନିଗୁଡ଼ିକର ଗତବର୍ଷ ଏବଂ ଚଳିତ ବର୍ଷର ଆୟ ଓ କ୍ଷତିର ତୁଳନା କଲେ ସ୍ପଷ୍ଟ ଜଣାପଡ଼େ ଯେ କିପରି ହଜାର ହଜାର କୋଟି ଟଙ୍କାର ଲାଭ କ୍ରମଶଃ ବିରାଟ କ୍ଷତିରେ ପରିଣତ ହୋଇଛି ଏବଂ ଏଚ୍‌ପିସିଏଲ୍ ଓ ବିପିସିଏଲ୍ ଭଳି କମ୍ପାନିଗୁଡ଼ିକ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି ।

ବର୍ତ୍ତମାନର ଏହି ଅତ୍ୟନ୍ତ ଜଟିଳ ପରିସ୍ଥିତିରେ କେନ୍ଦ୍ର ସରକାର ମଧ୍ୟ ଏହି କମ୍ପାନିମାନଙ୍କୁ ଆବଶ୍ୟକୀୟ ଆର୍ଥିକ ସହାୟତା କିମ୍ବା ବେଲଆଉଟ୍ ପ୍ରଦାନ କରିବା ସ୍ଥିତିରେ ନାହାନ୍ତି, କାରଣ ସରକାରୀ ରାଜକୋଷ ନିଜେ ମଧ୍ୟ ଗଭୀର ସମ୍ବଳ ଅଭାବର ସମ୍ମୁଖୀନ ହେଉଛି । ଟିକସ ରାଜସ୍ୱ ସଂଗ୍ରହ ବଜେଟର ଆକଳନ ଅନୁଯାୟୀ କିଛିଟା ସନ୍ତୋଷଜନକ ହୋଇଥିଲେ ମଧ୍ୟ, ସାର ଏବଂ ଅନ୍ୟାନ୍ୟ ଜରୁରୀ କ୍ଷେତ୍ରରେ ସବ୍‌ସିଡି ପ୍ରଦାନର ପରିମାଣ ଅପ୍ରତ୍ୟାଶିତ ଭାବରେ ବୃଦ୍ଧି ପାଇଥିବାରୁ ସରକାରୀ ଖର୍ଚ୍ଚର ପରିସର ବହୁଗୁଣିତ ହୋଇଯାଇଛି । ସରକାର ନିଜର ରାଜକୋଷୀୟ ନିଅଣ୍ଟକୁ ମୋଟ୍ ଜିଡିପିର ଚାରି ଦଶମିକ ତିନି ଶତାଂଶ ମଧ୍ୟରେ ସୀମିତ ରଖିବାକୁ କଠୋର ପ୍ରତିଶ୍ରୁତିବଦ୍ଧ ଥିବାରୁ, ବାଧ ହୋଇ ଅଧିକ ଋଣ ସଂଗ୍ରହ କରିବାର କ୍ଷମତା ମଧ୍ୟ ଅତ୍ୟନ୍ତ ସୀମିତ ହୋଇପଡ଼ିଛି । ଯଦି ସରକାର ଏହି ସୀମାକୁ କୋହଳ କରି ରାଜକୋଷୀୟ ନିଅଣ୍ଟକୁ ବୃଦ୍ଧି କରନ୍ତି, ତେବେ ତାର ସିଧାସଳଖ ପ୍ରଭାବ ପୁଞ୍ଜି ବଜାର ଉପରେ ପଡ଼ିବ ଏବଂ ସୁଧ ହାରରେ ବୃଦ୍ଧି ଘଟିବ, ଯାହା ଉଭୟ ବ୍ୟବସାୟୀ ଏବଂ ସାଧାରଣ ଋଣଗ୍ରହୀତାମାନଙ୍କ ପାଇଁ ଅତିରିକ୍ତ ଓ ଅସହନୀୟ ଆର୍ଥିକ ବୋଝ ସୃଷ୍ଟି କରିବ ।

ଏଭଳି ଏକ ଅନିବାର୍ଯ୍ୟ ଏବଂ ଜଟିଳ ପରିସ୍ଥିତିରେ ସରକାର ଯଦି ଶେଷ ପର୍ଯ୍ୟନ୍ତ ବାଧ ହୋଇ 'ଓଏମ୍‌ସି' ଅର୍ଥାତ୍ ତୈଳ ବିକ୍ରୟ କମ୍ପାନିଗୁଡ଼ିକୁ ପେଟ୍ରୋଲ ଓ ଡିଜେଲର ଖାଉଟି ବିକ୍ରୟ ଦରରେ ବୃଦ୍ଧି ଘଟାଇବାକୁ ଅନୁମତି ପ୍ରଦାନ କରନ୍ତି, ତେବେ ଆମେ ଆଶ୍ଚର୍ଯ୍ୟ ହେବାର କିଛି କାରଣ ନାହିଁ । ତେବେ ସାଧାରଣ ଜନତା ଏବଂ ଦୁର୍ବଳ ବର୍ଗର ଖାଉଟିମାନଙ୍କ ଉପରେ ଏହି ଦରବୃଦ୍ଧିଜନିତ ଆର୍ଥିକ ବୋଝକୁ କିଛିମାତ୍ରାରେ ଲାଘବ କରିବା ପାଇଁ ସରକାର ହୁଏତ ସେମାନଙ୍କୁ ସାମୟିକ ଭାବେ ଏକ ସ୍ୱତନ୍ତ୍ର ସବ୍‌ସିଡି ପ୍ରଦାନ କରିବାର ଉପାୟ ଚିନ୍ତା କରିପାରନ୍ତି । ତେବେ ଏଭଳି ସବ୍‌ସିଡି ମଧ୍ୟ ସାମୟିକ ହେବା ନିହାତି ଆବଶ୍ୟକ, ଯାହାକି ଆନ୍ତର୍ଜାତିକ ବଜାରରେ ତୈଳ ଦରରେ ଭବିଷ୍ୟତରେ ସମ୍ଭାବ୍ୟ ହ୍ରାସ ସହିତ ସମ୍ପୂର୍ଣ୍ଣ ଅନ୍ତ ଘଟିବା ଉଚିତ । ଖାଉଟି ତୈଳ ଦରରେ ଯଦି ପ୍ରକୃତରେ ବୃଦ୍ଧି ଘଟେ, ତେବେ ତାହା ଦେଶରେ ତୈଳର ସାମଗ୍ରିକ ଚାହିଦାକୁ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ସୀମିତ ରଖିବାରେ ସହାୟକ ହେବ, ଯାହାଫଳରେ ଭାରତର ବହୁମୂଲ୍ୟ ତୈଳ ଆମଦାନି ହ୍ରାସ ପାଇବ ଏବଂ ଦେଶର ବୈଦେଶିକ ମୁଦ୍ରାପାଣ୍ଠି ଉପରେ ରହିଥିବା ଅହେତୁକ ଚାପ କମିଯିବ । ଏହା ଆମର ଚଳନ୍ତି ହିସାବ ନିଅଣ୍ଟ ବା କରେଣ୍ଟ ଆକାଉଣ୍ଟ ଡେଫିସିଟ୍ ଉପରୁ ମଧ୍ୟ ଚାପ ହ୍ରାସ କରିବ, ଯାହାକି ବିଦେଶୀ ବିନିମୟ ବଜାରରେ ଭାରତୀୟ ମୁଦ୍ରା ଟଙ୍କାର ମୂଲ୍ୟରେ ଘଟିଚାଲିଥିବା କ୍ରମାଗତ ସ୍ଖଳନକୁ ଅଟକାଇବାରେ ଅତ୍ୟନ୍ତ ପ୍ରଭାବଶାଳୀ ସାଧାରଣ ହେବ । ଏହାଛଡ଼ା, ଅଧିକ ମହଙ୍gା ପେଟ୍ରୋଲ ଓ ଡିଜେଲ ସାଧାରଣ ଲୋକମାନଙ୍କୁ ପାରମ୍ପାରିକ ଇନ୍ଧନ ବଦଳରେ ଅଧିକରୁ ଅଧିକ ଇଲେକ୍ଟ୍ରିକ୍ ଗାଡ଼ି କିମ୍ବା ବିକଳ୍ପ ଶକ୍ତି ବ୍ୟବହାର କରିବା ପ୍ରତି ଅଧିକରୁ ଅଧିକ ଆକର୍ଷିତ କରିବ, ଯାହା ଦେଶର ବାୟୁମଣ୍ଡଳରେ ପ୍ରଦୂଷଣ ମାତ୍ରାକୁ ବହୁ ପରିମାଣରେ ହ୍ରାସ କରିବାରେ ସହାୟକ ହେବ । ତେବେ ଏସବୁ ହେଉଛି ଅତ୍ୟନ୍ତ ଉତ୍ତମ, ଯୁକ୍ତିଯୁକ୍ତ ଏବଂ ଦୂରଦୃଷ୍ଟିସମ୍ପନ୍ନ ଅର୍ଥନୈତିକ ଯୁକ୍ତି । କିନ୍ତୁ ରାଜନୈତିକ ଜଗତରେ ଏକ ପୁରୁଣା କଥା ରହିଛି ଯେ ଉତ୍ତମ ଅର୍ଥନୀତି ସବୁବେଳେ ଅଧମ ଏବଂ ବିପଜ୍ଜନକ ରାଜନୀତି ସାଧନ କରିଥାଏ । ତେଣୁ ଅର୍ଥନୈତିକ ଦୃଷ୍ଟିକୋଣରୁ ଏହା ଯେତିକି ଯୁକ୍ତିଯୁକ୍ତ, ରାଜନୈତିକ ଏବଂ ସାମାଜିକ ଦୃଷ୍ଟିରୁ ଏହା କେତେଦୂର ଗ୍ରହଣୀୟ ଏବଂ ସଫଳ ହେବ, ତାହା ବର୍ତ୍ତମାନ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାରଙ୍କୁ ଏହି ଦୁଇ ବିପରୀତମୁଖୀ ପରିସ୍ଥିତି ମଧ୍ୟରେ ସନ୍ତୁଳନ ରକ୍ଷା କରି ଦେଶର ଅର୍ଥନୀତିକୁ ସୁରକ୍ଷିତ ରଖିବାକୁ ପଡ଼ିବ ।

ଜାତୀୟ ଚେତନା
JATIYA CHETANA

ବିଷ ପିଇ ଜୀବନ ହାରିଲେ ଚାଷୀ

ଭୁବନେଶ୍ୱର,(ଜା.ପ୍ର): ଧାରଉଧାର କରି ନିଜର ଓ ଭାଗ ଜମିରେ ପରିବା ଏବଂ ଧାନ ଚାଷ କରିଥିଲେ। ହେଲେ 'ଅର୍ଣ୍ଣବ' ବାତ୍ୟା ଦ୍ୱାରା ହୋଇଥିବା ଅବିଶ୍ରାନ୍ତ ବର୍ଷା ଓ ବନ୍ୟାରେ ସବୁ ଧୋଇଗଲା। ଜୀବନରେ ଏଭଳି କ୍ଷତି ପୂର୍ବରୁ ସହି ନଥିଲେ। ଉଜୁଡ଼ା ଜମିକୁ ଦେଖି ନିଜକୁ ସମ୍ଭାଳିପାରିଲେ ନାହିଁ। ଶେଷରେ ଚାଷୀ ତଥା ଶେରଗଡ ଥାନା ଡେଙ୍ଗାପଦର ଗ୍ରାମ ପଞ୍ଚାୟତ ବାକିଳିକଣା ପଣସପଦର ସାହିର ଅର୍ଜୁନ ପଣ୍ଡା(୬୨) ବିଷ ପିଇ ଜୀବନ ହାରିଛନ୍ତି। ବର୍ଷା ବିପ୍ଲାତରେ ସର୍ବାଧିକ କ୍ଷତି ସହିଥିବା ଗଞ୍ଜାମ ଜିଲ୍ଲାର ଶେରଗଡ଼ ଅଞ୍ଚଳରେ ଏଭଳି ଘଟଣା ଭବିଷ୍ୟତର ଚାଷ ଓ ଚାଷୀଙ୍କ ଉଦ୍‌ବେଗଜନକ ସ୍ଥିତିକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଅର୍ଜୁନଙ୍କ ୧୫ ଭରଣ ଚାଷ ଜମିଥିବା ବେଳେ ବନ୍ୟାରେ ଫସଲ କ୍ଷତି ହେବା ଦେଖି ସେ ମାନସିକସ୍ତରରେ ଭାଙ୍ଗି ପଡ଼ିଥିଲେ। ଶନିବାର ସନ୍ଧ୍ୟାରେ ନିଜ ଗୁହାଳରେ କୀଟନାଶକ ପିଇ ଦେଇଥିଲେ। ହିଞ୍ଜିଳି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ଡାଙ୍ଗରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବିଳମ୍ବିତ ରାତିରେ ଅର୍ଜୁନ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

କ୍ଷତ ଦେଇଗଲା 'ଅର୍ଣ୍ଣବ', ଖୋଲାଯାଇଛି ୩୯୬ ରିଲିଫ୍ କ୍ୟାମ୍ପ୍

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟରେ ବାତ୍ୟା 'ଅର୍ଣ୍ଣବ' ଏବଂ ପରବର୍ତ୍ତୀ ବନ୍ୟା ଯୋଗୁଁ ସୃଷ୍ଟି ହୋଇଥିବା ଗମ୍ଭୀର ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟରେ ବାତ୍ୟା 'ଅର୍ଣ୍ଣବ' ଏବଂ ପରବର୍ତ୍ତୀ ବନ୍ୟା ସ୍ଥିତି ଓ ଜାରି ରହିଥିବା ରିଲିଫ୍-ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ସ୍ୱେଚ୍ଛାଶାଳ ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଜନଜୀବନ ସ୍ୱାଭାବିକ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଥିବା ସେ ପ୍ରକାଶ କରିଛନ୍ତି। ବାତ୍ୟା ଓ ବନ୍ୟା ପ୍ରଭାବରେ ମୁଖ୍ୟତଃ ଗଞ୍ଜାମ ଏବଂ କନ୍ଧମାଳ ଜିଲ୍ଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ମୋଟ ୧,୧୮,୬୩୦ ଜଣ ଜନସଂଖ୍ୟା ଏହି ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରଶାସନ ତତ୍ପରତା ପ୍ରକାଶ କରି ୭୫,୮୫୫ ଜଣଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତରିତ କରିଛି। ସ୍ଥାନାନ୍ତରିତ ଲୋକଙ୍କ ପାଇଁ ୩୯୬ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇ ସେମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉଛି। ଏହାସହ ୮୦୭ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନକୁ ଅଣାଯାଇଥିବା ବେଳେ ୩୯୯ ଜଣ ସନ୍ତାନ ପ୍ରସବ କରିଛନ୍ତି। ୭୫,୩୮୮ ହେକ୍ଟର ଚାଷଜମି ପ୍ରଭାବିତ ହେବା ସହ ୧,୬୭୨ଟି ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି।ଦକ୍ଷିଣ ଓଡ଼ିଶାର ବାତ୍ୟା ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି। ମୋଟ ୬,୪୦୦ରୁ ଅଧିକ କର୍ମଚାରୀଙ୍କୁ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ବୌଦ୍ଧ, ମାଲକାନଗିରି, ରାୟଗଡ଼ା ଜିଲ୍ଲା ଏବଂ ବ୍ରହ୍ମପୁର ସହରରେ ୧୦୦% ବିଦ୍ୟୁତ୍ ସଂଯୋଗ ସ୍ୱାଭାବିକ ହୋଇସାରିଛି। ସମଗ୍ର ଭାବେ ଦକ୍ଷିଣ ଓଡ଼ିଶାରେ ୯୬%ରୁ ଅଧିକ ବିଦ୍ୟୁତ୍ ଯୋଗାଣ ପୁନଃସ୍ଥାପିତ ହୋଇଛି। ପ୍ରଭାବିତ ଅଞ୍ଚଳଗୁଡ଼ିକରେ ୨,୫୭୫ଟି ନଳକୂପ ଏବଂ ୧୬୨ଟି ଗ୍ରାମୀଣ ପାଇପ୍ ଜଳ ପ୍ରକଳ୍ପକୁ ବିଶୋଧନ କରାଯାଇ କାର୍ଯ୍ୟକ୍ଷମ କରାଯାଇଛି। ଏହାଛଡ଼ା ଲକ୍ଷାଧିକ ପାନୀୟ ଜଳ ବୋତଲ ଓ ପାଉଚ୍ ବଣ୍ଟନ କରାଯାଇଛି। ପାନୀୟ ଜଳ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ଜାନିବାଲିରେ ଯୁଦ୍ଧକାଳୀନ ଭିତ୍ତିରେ ବାଲି ବନ୍ଧ ନିର୍ମାଣ କରାଯାଉଛି, ଯେଉଁଥିରେ ୧୨୦ ଜଣ ଶ୍ରମିକ ଓ ୩ଟି ପୋକ୍ଲେନ୍ ମେସିନ୍ ନିୟୋଜିତ ଅଛନ୍ତି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଆସନ୍ତା ନଭେମ୍ବର ୩ ତାରିଖ ସୁଦ୍ଧା ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି ଏବଂ ଏହି ବାତ୍ୟା ଓ ବର୍ଷା ପରିସ୍ଥିତିକୁ ମୁକବିଲା କରିବା ପାଇଁ ସରକାରୀ ସ୍ତରରେ ନିଆଯାଇଥିବା ସକରାତ୍ମକ ଏବଂ ଜରୁରୀ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଘରେ ପଶି ସ୍ୱାମୀ-ସ୍ତ୍ରୀଙ୍କୁ ହତ୍ୟା, ଅଳ୍ପକେ ବର୍ତ୍ତିଲା ୧୨ ବର୍ଷୀୟ ପୁଅ

ଭୁବନେଶ୍ୱର,(ଜା.ପ୍ର): ରାତି ଅଧରେ ଘରେ ପଶି ସ୍ୱାମୀ ଓ ସ୍ତ୍ରୀଙ୍କୁ ହାଣିଲେ ପଡ଼ୋଶୀ। ଆକ୍ରମଣ ପରେ ଘଟଣାସ୍ଥଳରେ ଦମ୍ପତିଙ୍କ ମୃତ୍ୟୁ ହେବା ସହିତ ୧୨ ବର୍ଷୀୟ ପୁଅ ଗୁରୁତର ଭାବେ ଆହତ ହୋଇଥିବା ଜଣାଯାଇଛି। ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ଅନ୍ତର୍ଗତ ଏମଭି-୩୬ ଗ୍ରାମରେ ଘଟିଛି ଏଭଳି ଏକ ହୃଦୟବିଦାରକ ଘଟଣା। ମୃତକ ହେଲେ ରମେନ୍ଦ୍ରନାଥ ସରକାର ଓ ତାଙ୍କ ପତ୍ନୀ ରେବା ସରକାର। ଆହତ ପୁଅ ହେଉଛନ୍ତି ନ୍ଦୀପ ସରକାର।ଏହି ଘଟଣାରେ ପଡ଼ୋଶୀ ଅଭିଯୁକ୍ତ ବିଶଙ୍କର ମଣ୍ଡଳଙ୍କୁ ପୁଲିସ ଗିରଫ କରିଛି ।

ରବିବାର ଭୋର ପ୍ରାୟ ୨ଟା ସମୟରେ ଅଭିଯୁକ୍ତ ବିଶଙ୍କର ମଣ୍ଡଳ ମୃତକଙ୍କ ଘର ଝରକା ଭାଙ୍ଗି ଭିତରକୁ ପ୍ରବେଶ କରିବା ସହ ଘରେ ଶୋଇଥିବା ରମେନ୍ଦ୍ରନାଥ ସରକାରଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ରମେନ୍ଦ୍ରନାଥଙ୍କ ଚିତ୍କାର ଶୁଣି ତାଙ୍କ ପତ୍ନୀ ରେବା ସରକାର ଓ ପୁଅ ସନ୍ଦୀପ ସରକାର ଘଟଣାସ୍ଥଳକୁ ଆସି ପ୍ରତିବାଦ କରିବାରୁ ଅଭିଯୁକ୍ତ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଆକ୍ରମଣରେ ରମେନ୍ଦ୍ରନାଥ ସରକାର ଓ ତାଙ୍କ ପତ୍ନୀ ରେବା ସରକାରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପୁଅ ସନ୍ଦୀପ ମଧ୍ୟ ବାପା ମାଙ୍କୁ ବଞ୍ଚାଇବାକୁ ଯାଇ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଅନ୍ୟପକ୍ଷରେ ଅଭିଯୁକ୍ତ ବିଶଙ୍କର ମଣ୍ଡଳ ମୃତକଙ୍କ ଘର ସମ୍ମୁଖରେ ରହୁଥିବା ପଡ଼ୋଶୀ ବୋଲି ଜଣାପଡ଼ିଛି। ଘରୋଇ କଳହକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ସୂଚନା ମିଳିଥିଲେ ମଧ୍ୟ ହତ୍ୟାର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ । ଘଟଣା ସମ୍ପର୍କରେ ଖବର ପାଇ ଓର୍କେଲ ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତ ଫେରାର ହେବାକୁ ଉଦ୍ୟମ କରୁଥିବା ସମୟରେ ପୁାଲିସ ତାଙ୍କୁ କାବୁ କରି ଗିରଫ କରିଥିବା ଓର୍କେଲ ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି । ଏହି ଘଟଣାର ଅଧିକ ତଦନ୍ତ ପାଇଁ କୋରାପୁଟରୁ ଏକ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାସ୍ଥଳରେ ଛାନଭିନ୍ କରିବ ବୋଲି ଜଣାପଡ଼ିଛି। ପୁଲିସର ବିସ୍ତୃତ ତଦନ୍ତ ପରେ ଏହି ଜଘନ୍ୟ ହତ୍ୟାକାଣ୍ଡ ପଛର ପ୍ରକୃତ କାରଣ ସ୍ପଷ୍ଟ ହେବ।

ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ସରକାର ସଂପୂର୍ଣ୍ଣ ବିଫଳ



ଭୁବନେଶ୍ୱର,(ଜା.ପ୍ର): ବିପର୍ଯ୍ୟୟ ପରିଚାଳନାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ବରିଷ୍ଠ ନେତା ତଥା ବିଜୁ ଜନତା ଦଳ ସଂସଦୀୟ ଦଳର ନେତା ମାନସ ରଞ୍ଜନ ମଙ୍ଗରାଜ ସ୍ପଷ୍ଟ ଭାବେ ଅଭିଯୋଗ ଆଣିଛନ୍ତି। ବାତ୍ୟା ଓ ବନ୍ୟା ମୁକାବିଲା କ୍ଷେତ୍ରରେ ସରକାରଙ୍କ ସମସ୍ତ ପୂର୍ବାନୁମାନ ସମ୍ପୂର୍ଣ୍ଣ ଭାବେ ଫେଲ ମାରିଛି ଏବଂ ଏହାର ପ୍ରତ୍ୟକ୍ଷ ପ୍ରଭାବ ସାଧାରଣ ଜନଜୀବନ ଉପରେ ପଡ଼ିଛି ବୋଲି ସେ ତୀବ୍ର ଉଦବେଗ ପ୍ରକାଶ କରିଛନ୍ତି।

ରାଜ୍ୟରେ ସୃଷ୍ଟି ହୋଇଥିବା ବାତ୍ୟା ପରିଚାଳନା ସମୟରେ ପ୍ରଶାସନିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ସରକାର ଏବଂ ସରକାରୀ କଳ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳ ତଥା ମାଲକାନଗିରି ଜିଲ୍ଲା ଉପରେ ଅଧିକ ଫୋକସ କରିଥିବା ବେଳେ ରାଜ୍ୟର ଅନ୍ୟାନ୍ୟ ପ୍ରାନ୍ତରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସରକାର କେବଳ ମହାନଦୀ ଅବବାହିକା ଉପରେ ନଜର ରଖି ବସିଥିବା ବେଳେ ଅନ୍ୟପଟେ ରଷିକୂଲ୍ୟା ନଦୀରେ ଆସିଥିବା ପ୍ରଳୟଙ୍କରୀ ବନ୍ୟା ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ସମ୍ପୂର୍ଣ୍ଣ ଭାବେ ବୁଡ଼ାଇ ଦେଇଥିଲା। ନଦୀରେ ବଡ଼ ବନ୍ୟା ପାଣି ଆସୁଥିବା ନେଇ ପୂର୍ବାନୁମାନ କରିବାରେ ଏବଂ ଆଗୁଆ ପଦକ୍ଷେପ ନେବାରେ ସରକାରୀ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଅକ୍ଷମ ହୋଇଥିଲା, ଯାହାକି ସରକାରଙ୍କ ବଡ଼ଧରଣର ବିଫଳତାକୁ ପଦାରେ ପକାଇ ଦେଇଛି।

ନିଜର ଏହି ସ୍ପଷ୍ଟ ବିଫଳତା ଏବଂ ଦୁର୍ବଳତାକୁ ଲୁଚାଇବା ପାଇଁ ସରକାର ଏବେ ଅନ୍ୟମାନଙ୍କ ଉପରେ ଦୋଷ ଲଦିବାକୁ ଚେଷ୍ଟା କରୁଛନ୍ତି, ଯାହା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ରାଜ୍ୟରେ ଏଭଳି ସ୍ଥିତି ସୃଷ୍ଟି ହେବା ପାଇଁ ପ୍ରକୃତରେ କିଏ ଉତ୍ତରଦାୟୀ ରହିବ ବୋଲି ଶ୍ରୀ ମଙ୍ଗରାଜ ପ୍ରଶ୍ନ କରିଛନ୍ତି। ଜନସାଧାରଣ ଦୁର୍ଦ୍ଦଶା ଭୋଗୁଥିବା ବେଳେ ବାତ୍ୟା ଓ ବନ୍ୟା ମୁକାବିଲାରେ ହୋଇଥିବା ଏଭଳି ସାଂଘାତିକ ବିଫଳତାକୁ ସୁଧାରିବା ପରିବର୍ତ୍ତେ ସରକାର କେବଳ ମିଥ୍ୟା ପ୍ରଶଂସା ଓ ବାହାବା ନେବାରେ ବ୍ୟସ୍ତ ରହିଛନ୍ତି ବୋଲି ସେ କଡ଼ା ଭାଷାରେ ସମାଲୋଚନା କରିଛନ୍ତି।

ବିଶିଷ୍ଟ ଯାତ୍ରା ନାଟ୍ୟକାର ଜୀବନକାନ୍ତ ଜେନାଙ୍କ ବିୟୋଗରେ ଶୋକର ଲହରୀ



ବରା/ ରତ୍ନଗିରି,(ଜା.ପ୍ର.): ବିରୂପା-ବ୍ରାହ୍ମଣୀ ଦ୍ୱୀପାଞ୍ଚଳ ତଥା ସମଗ୍ର ଯାଜପୁର ଅଞ୍ଚଳର ଯାତ୍ରା ଜଗତର ଜଣେ ସୁପରିଚିତ ତଥା ପ୍ରତିଭାସମ୍ପନ୍ନ ନାଟ୍ୟକାର ଜୀବନକାନ୍ତ ଜେନା (ଟୁଟୁ) ଙ୍କ ଆକସ୍ମିକ ବିୟୋଗରେ ସମଗ୍ର ବ୍ରାହ୍ମଣୀ-ବିରୂପା ଦ୍ୱୀପାଞ୍ଚଳ ସମେତ ଯାତ୍ରା ଓ ସାଂସ୍କୃତିକ ଜଗତରେ ଗଭୀର ଶୋକର ଲହରି ଖେଳିଯାଇଛି। ତାଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳବାସୀ, ସାହିତ୍ୟ ଓ ସଂସ୍କୃତିପ୍ରେମୀ ତଥା ଯାତ୍ରାପ୍ରେମୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।ସ୍ୱର୍ଗତ ଜେନା ଓଡ଼ିଶାର ଯାତ୍ରା ଜଗତର ଜଣେ ପ୍ରତିଭାବାନ ନାଟ୍ୟକାର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ନିଜର ଅନନ୍ୟ ସୃଜନଶୀଳତା, ନାଟ୍ୟକଳା ପ୍ରତି ନିଷ୍ଠା ଓ ଲେଖନୀ ମାଧ୍ୟମରେ ସେ ଯାତ୍ରା ଜଗତକୁ ଅନେକ ସ୍ମରଣୀୟ ନାଟକ ଭେଟି ଦେଇଥିଲେ। ତାଙ୍କର ନାଟ୍ୟସୃଷ୍ଟି ଓ ସାରସ୍ୱତ ସାଧନା ତାଙ୍କୁ ଯାତ୍ରାପ୍ରେମୀଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଥିଲା। ଜଣେ ମେଳାପୀ, ସ୍ନେହୀ ଓ ଆପଣାର ମଣିଷ ଭାବେ ମଧ୍ୟ ସେ ସମସ୍ତଙ୍କର ପ୍ରିୟଭାଜନ ଥିଲେ।

ତାଙ୍କର ବିୟୋଗରେ ମିଡିଆ ଫେଡେରେସନ ଅଫ୍ ଓଡ଼ିଶାର ସଭାପତି ତପନ ବିହାରୀ ଭଞ୍ଜ ଗଭୀର ଶୋକବ୍ୟକ୍ତ କରିବା ସହିତ କହିଛନ୍ତି ଯେ, ଜୀବନକାନ୍ତ ଜେନାଙ୍କ ବିୟୋଗ ଓଡ଼ିଶାର ଯାତ୍ରା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କର ସୃଜନଶୀଳ ପ୍ରତିଭା, ନାଟ୍ୟସାଧନା ଓ ସ୍ନେହପୂର୍ଣ୍ଣ ବ୍ୟକ୍ତିତ୍ୱ ସର୍ବଦା ସ୍ମରଣୀୟ ହୋଇ ରହିବ। ସେହିପରି ବିଶିଷ୍ଟ ରାଜ୍ୟ ସରକାରୀ କର୍ମଚାରୀ ନେତା ବିଜୟ ମଲ୍ଲ ମଧ୍ୟ ତାଙ୍କର ଅକାଳ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଏହାକୁ ଅଞ୍ଚଳ ତଥା କଳା-ସଂସ୍କୃତି ଜଗତ ପାଇଁ ଏକ ବଡ଼ କ୍ଷତି ବୋଲି ଅଭିହିତ କରିଛନ୍ତି।

ସାମ୍ବାଦିକ ତଥା ସମାଜସେବୀଙ୍କ ମାତୃ ବିୟୋଗ, ସୋନପୁରରେ ଶୋକ



ସୁବର୍ଣ୍ଣପୁର,(ଜା.ପ୍ର.):ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ମନୋରଞ୍ଜନ ତ୍ରିପାଠୀ ଙ୍କ ମାତା ଶ୍ରୀମତୀ ବିଶାଖା ତ୍ରିପାଠୀ ଙ୍କ ୮୭ ବର୍ଷ ବୟସ ରେ ପରଲୋକ ଘଟିଛି କ୍ଷ ଦୀର୍ଘ ୨୫ ବର୍ଷ ଧରି କ୍ଷମତା ରେ ଥିବା ସୋନପୁର ବ୍ଲକ ମୟୂରଉଡାନ ଗ୍ରାମ ପଞ୍ଚାୟତ ର ପୂର୍ବତନ ସରପଞ୍ଚ ତଥା ସୋନପୁର ବ୍ଲକ ଉପାଧକ୍ଷ ସ୍ୱର୍ଗତ ଘାସିରାମ ତ୍ରିପାଠୀ ଙ୍କ ଧର୍ମପତ୍ନୀ ଭାବେ ପୁଣ୍ୟାତ୍ମା ବିଶାଖା ତ୍ରିପାଠୀ ସୋନପୁର ବ୍ଲକ ଓ ସୋନପୁର ସହର ରେ ବେଶ୍ ପରିଚିତ ଥିଲେ କ୍ଷ ଗତ କାଲି ରାତିରେ ସୋନପୁର ଗ୍ରୀଡକୋ କଲୋନୀ ସ୍ଥିତ ତାଙ୍କ ବାସଭବନ ରେ ଶ୍ରୀମତି ତ୍ରିପାଠୀ ଙ୍କ ପରାଲୋକ ଘଟିଛି । ସ୍ୱର୍ଗୀୟା ତ୍ରିପାଠୀ ଜଣେ ସରଳ, ସଚ୍ଚୋଟ, ଧର୍ମ ପରାୟଣ, ମିଷ୍ଟଭାଷୀ ତଥା ପରୋପକାରୀ ମହିଳା ଭାବେ ସୋନପୁର ବ୍ଲକ ଅଞ୍ଚଳ ତଥା ସହର ରେ ସେ ପରିଚିତ ଥିଲେ। ସ୍ୱର୍ଗୀୟା ତ୍ରିପାଠୀଙ୍କ ଆଜି ରବିବାର ସକାଳେ ରାମେଶ୍ୱର ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର କରାଯିବ। ସୋନପୁରର ବିଶିଷ୍ଟ ହୋଟେଲ ବ୍ୟବସାୟୀ ଚମରା ରାମ ତ୍ରିପାଠୀ, ବରିଷ୍ଠ ଓକିଲ ହରି ନାରାୟଣ ତ୍ରିପାଠୀ, ଔଷଧ ବ୍ୟବସାୟୀ ଭୁବନ ମୋହନ ତ୍ରିପାଠୀ, ବଡ଼ ପୁଅ ନିରଞ୍ଜନ ତ୍ରିପାଠୀ, ମଝିଆ ପୁଅ ସାମ୍ବାଦିକ ମନୋରଞ୍ଜନ ତ୍ରିପାଠୀ, ଓକିଲ ଦେବ ରଞ୍ଜନ ତ୍ରିପାଠୀ, ସାନ ପୁଅ ଡାକ୍ତର ଚିତ୍ତ ରଞ୍ଜନ ତ୍ରିପାଠୀ, ଓକିଲ ନନ୍ଦ କିଶୋର ତ୍ରିପାଠୀ, ସ୍ୱାଧୀନ ତ୍ରିପାଠୀ, ପ୍ରଶାନ୍ତ ତ୍ରିପାଠୀ, ସାମ୍ବାଦିକ ରାଜ କିଶୋର ତ୍ରିପାଠୀ, ପ୍ରହଲ୍ଲାଦ ତ୍ରିପାଠୀ, ବ୍ୟବସାୟୀ ଆଲୋକ ତ୍ରିପାଠୀ, ଦୀପକ ତ୍ରିପାଠୀଙ୍କ ସମେତ ଶ୍ରୀମତୀ ତ୍ରିପାଠୀଙ୍କ ତିନି ପୁତ୍ର ବଧୂ, ତିନି ଝିଅ, ନାତି ନାତୁଣୀ, ତିନି ନଣନ୍ଦ, ଜ୍ୱାଇଁ ଶଙ୍କର ଦାଶ, ପ୍ରଦୀପ ଶତପଥୀ, ସୁରେଶ ପାଣିଗ୍ରାହୀ, ଭାଇ ହରିହର ଶତପଥୀ, ଆତ୍ମୀୟ ସ୍ୱଜନ ମର ଶରୀର ପାଖରେ ଉପସ୍ଥିତ ରହିଥିବା ବେଳେ ସୋନପୁର ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗୀୟା ତ୍ରିପାଠୀଙ୍କ ମର ଶରୀରକୁ ଅନ୍ତିମ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

ପୃଷ୍ଠା-୬, ଭୁବନେଶ୍ୱର
ନଭେମ୍ବର ୦୨ରୁ ନଭେମ୍ବର ୦୮, ୨୦୨୬

ଜାତୀୟ ଚେତନା
JATIYA CHETANA

Page-6, Bhubaneswar
November 02 to November 08, 2026



ଝରକା ଖୋଲା ଅଛି - ୨

ସେଦିନ ରାତିର ଘଟଣା ମୁଁ ଜୀବନରେ କେବେ ଭୁଲି ପାରିବିନି। ସକାଳେ ଡାକବାଲା ବାନ୍ଧବୀ ସହ ଆଖିରେ ଆଖି ମିଶେଇ କଥା ହେବି କିପରି। ମନର ମାନସୀକୁ ଖୋଜିପାଇବାର ସ୍ୱପ୍ନ, ଡାକବାଲା ବାନ୍ଧବୀର ସହଯୋଗ, ଏ ସବୁ କ୍ଷଣିକ ମଧ୍ୟରେ ଆସିଯାଇଥିବା କଳାବାଦଲ ପାଇଁ ଭାଙ୍ଗି ଚୁରମାର ହେଇଗଲା। ଏମିତି ଭାବୁ ଭାବୁ ମୋ ଆଖିରୁ ନିଦ ହଜିଯାଉଥାଏ। ଡାକବାଲା ବାନ୍ଧବୀ ଆସି କେତେଥର ମୋତେ ଖୋଜିଗଲେଣି। ହେଲେ ମୁଁ ଜାଣିଶୁଣି ଲୁଚିଯାଉଥିଲି। ତାଙ୍କ ସମ୍ମୁଖକୁ ଯିବାର ସାହସ ନଥିଲା, ଆଖିରେ ଆଖିମିଶେଇ କଥା ହେବି କିପରି ?

ତିନି ଚାରିଦିନ ପରେ ମୁଁ ଦିନେ ହାଟକୁ ଯିବା ବାଟରେ ହଠାତ ଦେଖାହେଇଗଲା ସେଇ ଡାକବାଲା ବାନ୍ଧବୀଙ୍କ ସହ। ସେ ମୋ ଆଡ଼କୁ ପାଖେଇ ଆସୁଥାଆନ୍ତି ଆଉ ମୁଁ! ସରମ କରି ମୁହଁ ତଳକୁ କରି ଠିଆହେଇଗଲି। ସେ କିଛି ବୁଝିପାରିଲେନି। ମୋ ମନରେ ଆଗଭଳି ଉତ୍ସାହ ନଥିଲା। ମୁଁ ତାଙ୍କୁ ଟିକେବି ବାନ୍ଧବୀ (ମନର ମାନସୀ) କଥା ପଚାରିଲିନି। ସେ ମୋତେ ପଚାରିଲେ କ'ଣ ହେଇଛି ତମର ଏମିତି ମୁହଁ ତଳକୁ କରି ଛିଡ଼ାହେଇଛ କ'ଣ ପାଇଁ ? କେତେଦିନ ହେଲା ତମକୁ ତମ ବାନ୍ଧବୀ କଥା କହିନି ବୋଲି ମୋ ଉପରେ ରାଗିଛ ନା କ'ଣ ? ମୁଁ ନିରୁତ୍ତର ରହି ଚୁପଚାପ ରହିଲି। ଆଖିରୁ ଠପ୍ ଠପ୍ ଲୁହ ବୋହିଆସୁଥାଏ। ମୁଁ କିଛି କହିବା ଆଗରୁ ସେ କହିଲେ ଆରେ, ତୁମ ବାନ୍ଧବୀ ସହ କେତେଦିନ ହେବ ମୋର ଦେଖା ହେଇନି, ସେଦିନର ସେଇ ଭୟଙ୍କର ବର୍ଷା ରାତି ପରଠୁ ମୁଁ ତାଙ୍କୁ ଦେଖା କରିପାରିନି, ଆଉ କେମିତି ତାଙ୍କ କଥା କହିବି ଯେ। ଶୁଣ ମୁଁ ଆଜି ଗଲେ ନିଶ୍ଚୟ ତାଙ୍କ ଘରକୁ ଯିବି, ଆଉ ତାଙ୍କ ଖବର ଆଣି ତୁମ ପାଖରେ ପହଞ୍ଚେଇବି। ମୋ ଉପରେ ଭରଷା ରଖ, ମୁଁ ସତ କହୁଛି , ନିଶ୍ଚୟ କାଲି ତାଙ୍କ ଖବର ତୁମପାଖେ ପହଞ୍ଚେଇବି। ମୁଁ ତଥାପି ମୁଣ୍ଡ ଉପରକୁ ଉଠାଇପାରୁନଥାଏ। ସେ ମୋତେ ଯେତେ ପ୍ରକାରରେ ବୁଝାଇଲେ ମଧ୍ୟ ମୋ ମନ ମୋ ବିବେକ ମୋତେ ଜମାରୁ ବୁଝାଇପାରୁନଥାଏ। ସବୁବେଳେ ସେଇ 'ଝରକା ଖୋଲାଅଛି' ସ୍ୱରଟି ମୋ କାନପାଖରେ ଗୁଞ୍ଜରଣ ସୃଷ୍ଟି କରିବା ସହ ସେ ରାତିର ସବୁ କଥା ଗୋଟି ଗୋଟି ହେଇ ମନେ ପଡ଼ିଯାଉଥିଲା। ଡାକବାଲା ବାନ୍ଧବୀ ଆଉ ବେସି ସମୟ ଅପେକ୍ଷା ନକରି ସେଠାରୁ ଚାଲିଗଲେ।

ପରଦିନ ମନେ ମନେ ମୁଁ ତାଙ୍କ ଆସିବ ବାଟକୁ ଅନେଇବସିଲି ହେଲେ ଦେଖାକରିପାରିଲିନି। ତା ପରଦିନ ମଧ୍ୟ ବାଟ ଜଗିବସିଲି ହେଲେ ଦେଖାକରିପାରିଲିନି। ମୁଁ ଭାବିଲି ସେ ରାଗିଗଲେ ବୋଧେ। ଗୋଟିଏ ସପ୍ତାହର ଅପେକ୍ଷା ପରେ ତାଙ୍କ ସହ ଭେଟହେଲା। ଆଉ ମୁଁ ଉତ୍ସୁକତାର ସହ କିଛି ପଚାରିବାକୁ ଆଗେଇଆସିଥାଏ । ମୁଁ ପାଟି ଖୋଲିବା ଆଗରୁ ସେ ଗମ୍ଭୀର ଓ ଉଦାସ ସ୍ୱରରେ କହିଲେ ସବୁ ସରିଯାଇଛି, ମୁଁ ଆଉ କିଛି କହିପାରିବିନି। ଏତିକି କହି ସେ ପଳେଇଗଲେ। ଘଟଣାଟି କ'ଣ ମୁଁ ଜାଣିପାରିଲିନି। ମନଭିତରେ ବହୁତ ଶଙ୍କା ଯାଗିଉଠୁଥାଏ, ଭାବିଲି କାଳେ କିଛି ଅଘଟଣ ଘଟିଲାକି। ପୁଣି ମନକୁ ବୁଝାଇଲି ଏମିତି ଅମଙ୍ଗଳ କଥା ମନରେ ଭାବିବା ଠିକ୍ ନୁହଁ, ହଉ କାଲି ପୁଣି ପଚାରିବି, ସବୁ ସତକଥା ନଜାଣିବା ପର୍ଯ୍ୟନ୍ତ ତାଙ୍କୁ ଛାଡ଼ିବିନି। ଦିନ ପରେ ଦିନ ବାଟ ଅନେଇ ବସିଲି ହେଲେ କୌଣସି ପ୍ରକାରେ ଡାକବାଲା ବାନ୍ଧବୀଙ୍କ ଦେଖା ପାଇଲିନି। ତିନି ଚାରିମାସ ପରେ ଡାକବାଲା ବାନ୍ଧବୀ ଜଣକ ଶାଢ଼ୀ ପିନ୍ଧି ମୁହଁ ଲୁଚାଉଥିବା ଜଣେ ଝିଅକୁ ସାଙ୍ଗରେ ନେଇ ଯାଉଥିବାର ମୋ ନଜରକୁ ଆସିଲା। ମୁଁ ସେମାନଙ୍କ ପାଖକୁ ଗଲି। ଯେତେ ଅଟକାଇବାକୁ ଚେଷ୍ଟାକଲି ମୋ କଥାକୁ ନଶୁଣିଲାଭଳି ଆଗକୁ ଚାଲିଲେ। ଅତିରିକ୍ତ ବାଧ କରିବାରୁ ଏକ ଗଛମୂଳ ଛାଇରେ ଛିଡ଼ାହେଲେ। ତାଙ୍କୁ ମୋ ମନର ମାନସୀ କଥା ପଚାରିବା ଆଗରୁ ସାଙ୍ଗରେ ଥିବା ଶାଢ଼ୀ ପିନ୍ଧା ଝିଅଟି ଆଡ଼କୁ ଇଙ୍ଗିତ କରି ପଚାରିଲି ଇଏ କିଏ ? ସେ ମୋତେ ଉତ୍ତର ଦେଲେ କେହି ନୁହନ୍ତି, ତୁମର ଜାଣିବା କିଛି ଆବଶ୍ୟକ ନାହିଁ। ତାଙ୍କ କଥା କହିବାର ଶୈଳୀ ଓ ଚକ୍ଷୁର ଗତି ଦେଖି ଜାଣି ହେଉଥାଏ ସେ ପୁରା ବିଚଳିତ ଓ ଚିନ୍ତିତ ଅଛନ୍ତି। ବହୁ ଅନୁରୋଧ ହେଇ ପଚାରିବା ପରେ ସବୁ କଥା କହିଲେ।

ଝିଅଟି ଆମ ଗାଁର, ମୋର ଭଲ ସାଙ୍ଗ। ସବୁ କଥା ମୋତେ ଜଣାଏ। ତାର ସୁଖ ଦୁଃଖ, ଭଲ ମନ୍ଦ, ସବୁକଥାରେ ମୋତେ ସହଭାଗିତା କରାଏ। ହେଲେ କ'ଣ ହେଇଛି କେଜାଣି, ତିନି ଚାରିମାସ ହେବ ମୋ ସହ ଭଲରେ କଥା ହେଉନଥିଲା। ଆଉ କାଲି ଆତ୍ମହତ୍ୟା କରି ଜୀବନ ହାରିବାକୁ ବସିଥିଲା। ତାକୁ ବହୁତ ବୁଝାସୁଝା କରିବା ପରେ ବୁଝିଲା। ମୁଁ ନିସ୍ତବ୍ଧ ହୋଇ ପଚାରିଲି ଆତ୍ମହତ୍ୟା ! କିନ୍ତୁ କାହିଁକି, କ'ଣ ହେଇଛି ତାଙ୍କର। ଏତିକି ବେଳେ ଶାଢ଼ୀକାନୀ ତଳେ ଢାଙ୍କିରହିଥିବା ମୁହଁରୁ ଧୀର ସ୍ୱରରୁ ଶୁଣାଗଲା ମୁଁ ମାଆ ହେବାକୁ ଯାଉଛି। ମୁଁ କହିଲି ଏହାତ ଖୁସିର କଥା, ଏଠି ଜୀବନ ହାରିବା କଥା ଆସିଲା କେଉଁଠୁ ? ଡାକବାଲା ବାନ୍ଧବୀ ମୋତେ କହିଲେ ମାଆ ହେବାକୁ ଯାଉଛନ୍ତି ସତ, ହେଲେ ସେ ଅବିବାହିତ। ତା ବାପା ଭାଇ ସମସ୍ତେ ଏ ସନ୍ତାନର ବାପା କିଏ ବୋଲି ପ୍ରଶ୍ନ କରିବା ସହ ଝିଅଟିକୁ ଅନେକ ନିର୍ଯ୍ୟାତନା ଦେଉଛନ୍ତି। ଝିଅଟିର ପିଠିରୁ ଶାଢ଼ୀକାନୀକୁ ଟିକିଏ ଘୁଞ୍ଚାଇ ପିଠିରେ ଥିବା ଚେଙ୍କ ଓ ମାଡ଼ର ଦାଗ ମୋତେ ଦେଖାଇଲେ। ମୋ ଆଖି ଛଳଛଳ ହେଇଗଲା। କଣ୍ଠ ବାଷ୍ପରୁଦ୍ଧ ହେଇଗଲା। କ୍ଷଣିକ ପାଇଁ ଚୁପରହି ପୁଣି କ୍ଷୀଣ ସ୍ୱରରେ ପଚାରିଲି, ଏବେ ଯିବ କୁଆଡ଼େ ? ଝିଅଟି ଉତ୍ତର ଦେଲା ଡାକ୍ତରଙ୍କ ପାଖକୁ, କାନ୍ଦ କାନ୍ଦ ସ୍ୱରରେ ଆଖିରୁ ଲୁହ ଢାଳି କହିଲେ ।ଡାକ୍ତରଙ୍କ ପାଖକୁ ଯାଇ ଗର୍ଭପାତ କରେଇବି। ମୁଁ ସଙ୍ଗେ ସଙ୍ଗେ ରାଗିଯାଇ କହିଲି ତୁମକୁ ଖରାପ ଲାଗୁନି, ଏତେବଡ଼ ପାପକାମ କରିବାକୁ ସାହସ କରିପାରିଲ କେମିତି ! ବାନ୍ଧବୀ ଜଣକ କହିଲେ ତାକୁ ରାଗନି ଏ ଉପାୟ ମୁଁ ତାକୁ ଦେଇଛି ଆଉ ମୁଁ ତାକୁ ଡାକ୍ତରଙ୍କ ପାଖକୁ ନେଇଯାଉଛି। ମୁଁ ଅତ୍ୟନ୍ତ ରାଗିଯାଇ କହିଲି ତମକୁ ଟିକିଏ ବି ଲଜ୍ଜା ସରମ ଅଛି ନା ନାହିଁ ,ତମେ ଜଣେ ମଣିଷ ନା ରାକ୍ଷସ ! ଗର୍ଭପାତ କରାଇ ଦୁଇ ଦୁଇଟି ଜୀବନ ସହ ଖେଳ ଖେଳିବାକୁ ବସିଛ। ଗର୍ଭପାତ କିମ୍ବା ଆତ୍ମହତ୍ୟା ଛଡ଼ା ମୋ ପାଖରେ ଆଉ କିଛି ଉପାୟ ନାହିଁ, ମୁଁ ଗର୍ଭପାତ ନକରାଇ ଏ ସମାଜରେ ମୁଣ୍ଡଟେକି ବାଟ ଚାଲିବି କେମିତି, ଲୋକେ ମୋତେ କ'ଣ କହିବେ, ସମାଜ ମୋତେ କ'ଣ କହିବ, ସମସ୍ତଙ୍କ ଆଖିରେ ମୁଁ କଳଙ୍କିନୀ ହେଇସାରିଛି, କାନ୍ଦ କାନ୍ଦ ହୋଇ କ୍ଷୀଣ ସ୍ୱରରେ କହିଲେ ଝିଅ ଜଣକ। ମୁଁ ତାଙ୍କୁ ବୁଝାଇଲି, ଆଜିର ସମାଜରେ ଲୋକଙ୍କର କ'ଣ ଅଛି ସମସ୍ତେ କେବଳ କହିବା ଶିଖିଛନ୍ତି ତୁମେ ଭଲ କର କି ଖରାପ କର ଯାହା କଲେ କହିବେ। ସମାଜ ଜାଣିଛି ଦୀପ ଆଲୋକ ସେତେବେଳେ ଦିଏ ଯେବେ ଦୀପରେ ସଳିତା ଓ ଘିଅ ଜଳିଥାଏ, ଦୀପ କେବଳ ସେ ଦୁହିଁକୁ ଧାରଣ କରିଥାଏ, କିନ୍ତୁ ସମାଜ କହେ ଦୀପ ଜଳିଲେ ଅନ୍ଧାର ଦୂରହୁଏ, ସଳିତା ଓ ଘିଅକୁ ଜଳୁଥିବାର ଦେଖି ମଧ୍ୟ ଲୋକେ କୁହନ୍ତି ଦୀପ ଜଳୁଛି। ତେଣୁ ଲୋକଙ୍କ କଥାରେ କ'ଣ ଅଛି, ଲୋକଙ୍କ କଥା ଶୁଣି ତୁମେ ଦୁଇଟି ଜୀବନ ସହ ଖେଳଖେଳିବା ଉଚିତ ନୁହଁ। ସେ ମୋ କଥାକୁ ହୃଦୟଙ୍ଗମ କରି କହିଲେ ହଉ ଠିକ୍ ଅଛି, ତୁମ କଥାରେ ମୁଁ ଏକମତ। ହେଲେ... ! ମୁଁ ମନେ ମନେ ଭାରି ଖୁସିହେଇଗଲି, ଯାହାବିହେଉ ମୋ କଥା ମାନି ଆଜି ଦୁଇଟି ଜୀବନ ରକ୍ଷାପାଇଯିବ। ତାଙ୍କର ସେଇ ହେଲେ' ଶବ୍ଦଟି ମୋତେ ଆନ୍ଦୋଳିତ କଲା। ପଚାରିଲି 'ହେଲେ' ପୁଣି କ'ଣ ? ଯାଅ ନିଜ ଘରକୁ ବିଶ୍ରାମ କରିବ। ସେ ମୋତେ କହିଲେ ମୋ କଥା ଟିକେ ଶୁଣ। ମୁଁ ସିନା ଆଜି ଗର୍ଭପାତ ନକରାଇ ପିଲାଟିକୁ ମୋ ଗର୍ଭରେ ଧାରଣ କରି ଜନ୍ମ ଦେବି। ସେଇ ପିଲା ଯେତେବେଳେ ବଡ଼ହେଇ ବାପାର ପରିଚୟ ମାଗିବ ମୁଁ କ'ଣ କହିବି ? ତା ବାପାର ପରିଚୟ ମୁଁ କିପରି ଦେବି। ମୁଁ କହିଲି ତାର ବାପା ଯିଏ, ତା ନାମ କହିଦବ। ପୁଣି ସେଇ ନମ୍ର ସ୍ୱରରେ କହିଲେ ମୁଁ ତାଙ୍କୁ ଜାଣିନି। ହେଲେ ଏତେ ସବୁ ହେଲା କେମିତି, ମୁଁ ପଚାରିଲି। ଝିଅଟି କହିଲା ସେ ବହୁତ ବଡ଼ କାହାଣି। ଏତିକିବେଳେ ବାନ୍ଧବୀ ଜଣକ କହିଲେ ତମେ ଯାଅ ଆମକୁ ଆମ ବାଟରେ ଯିବାକୁ ଦିଅ, ଆମର ବିଳମ୍ବ ହେଇଗଲେ ଡାକ୍ତରଙ୍କ ସହ ଦେଖାହେଇପାରିବନି। ମୁଁ କହିଲି ପୁଣି କ'ଣ ଡାକ୍ତରଙ୍କ ପାଖକୁ ଯିବ ? ସେ କହିଲେ ଆଉ କ'ଣ ତମେ ତାକୁ ବାପାର ପରିଚୟ ଦେବ ! ମୁଁ ସମ୍ପୂର୍ଣ୍ଣ ନିସ୍ତବ୍ଧ ହେଇଗଲି। ଚୁପ ହେଇ ତଳେ ବସି ପଡ଼ିଲି, ଏତିକି ବେଳେ ଝିଅଟି ତାଙ୍କୁ କହିଲା ତୁ ତାଙ୍କୁ ଏମିତି କ'ଣ କହୁଛୁ ! ମୁଁ କହିଲି ହଁ ତୁମେ ଠିକ୍ କହିଛ। ଯଦି ଦୁଇଟି ଜୀବନ ବଞ୍ଚେଇବା ପାଇଁ ମୋତେ ଗୋଟେ ପିଲାର ବାପାହେବାକୁ ପଡ଼େ ତେବେ ମୁଁ ମନା କରିବିନି। ମୁଁ ନିଶ୍ଚୟ ସେ ପିଲାର ବାପାର ପରିଚୟ ହେବାକୁ ଚାହିଁବି। ବାନ୍ଧବୀ ଜଣକ କହିଲେ ତମେ ପାଗଳ ହେଇଗଲ ନା କ'ଣ, ଭାବିଚିନ୍ତି କଥା କହୁଛ ତ। ମୁଁ କହିଲି ହଁ ମୁଁ ସ୍ଥିର କରି ସାରିଛି, ସେପିଲାକୁ ବାପାର ପରିଚୟଦେବାରେ ମୋର କିଛିବି ଅସୁବିଧା ନାହିଁ। ସେ ଝିଅ ଆଡ଼କୁ ଇଙ୍ଗିତ କରି କହିଲି ଆଉ ତୁମର ଯଦି କୌଣସି ଅସୁବିଧା ନଥାଏ ତୁମକୁ ଏଇ ମୁହୂର୍ତ୍ତରୁ ମୁଁ ମୋର ସହଧର୍ମିଣୀ ସ୍ୱିକାର କରୁଛି।

(କିଛିଦିନ ପରେ)

ପିଲାଟି ଜନ୍ମ ହେଇସାରିଥାଏ। ବେସ୍ ଗୁଲଗାଲିଆ ହେଇଥାଏ ମୁଁ ମୋ ସ୍ତ୍ରୀଙ୍କୁ କହିଲି ପିଲାଠି ଠିକ୍ ମୋରି ଭଳି ଦେଖାଯାଉଛି ନା। ସେ କହିଲେ ହଁ ଅବିକଳ ତୁମରି ଭଳି ଦେଖାଯାଉଛି। ମୁଁ ତାଙ୍କୁ ଗୋଟିଏ କଥା ପଚାରିବି ବୋଲି କହିଲି। ଆଉ ସେ ବି ମୋତେ ସମ୍ମତି ଦେଲେ। ହେଲେ ମୁଁ ତାଙ୍କଠୁ ପ୍ରତିଜ୍ଞା କରେଇନେଲି ରାଗିବନି କି ମନ ଦୁଃଖ କରିବନି। ହଉ ଠିକ୍ ଅଛି କହିଲେ। ମୁଁ ତାଙ୍କୁ ସେଦିନର ସେଇ ବଡ଼ କାହାଣୀ କଥା ପଚାରିଲି, ଯେଉଁ କାହାଣୀରେ ଲୁଚିରହିଛି ପିଲାଟିର ପ୍ରକୃତ ବାପା। ଆମେ ଦୁହେଁ ଭାରି ହସ ଖୁସିରେ ଚଳିଆସୁଛୁ। ସେ ମୋତେ କାହାଣୀ କହିବା ଆରମ୍ଭ କରିଛନ୍ତି, ଏଇ ସମୟରେ କେହିଜଣେ କବାଟ ବାଡ଼େଇବାର ଶବ୍ଦ ଶୁଣାଗଲା। କବାଟ ଖୋଲି ଦେଖେ ତ ଡାକବାଲା ବାନ୍ଧବୀ ଜଣକ ଆସିଛନ୍ତି। ମୋ ସ୍ତ୍ରୀକୁ କହିଲେ ମୁଁ ଏଇବାଟେ ଯାଉଥିଲି, ତୋ କଥା ମନେ ପଡ଼ିଗଲା। ଭାବିଲି ଟିକେ ଦେଖା କରିଯିବି। ଆରେ, ତୋ ପିଲା ତ ପୁରା ତା ବାପା ପରି ହେଇଛି। ମୁଁ ଏଥର ଯାଉଛି, ଜଙ୍ଗଲ ପାର ହେଇ ଯିବାକୁ ପଡ଼ିବ। ମୋ ସ୍ତ୍ରୀ ତାଙ୍କୁ ଅଟକାଇ ପଚାରିଲେ ଆରେ ସାଙ୍ଗ, ତୁ ତ ମୋ ବାହାଘରରେ ଆସିନୁ ହେଲେ ଆମ ଘର ଜାଣିଲୁ କେମିତି ? ମୁଁ ଆଗରୁ ଜାଣିଛି, ସେ କହିଲେ। କେମିତି ଜାଣିଲୁ କହ। ସେ ମୋ ଆଡ଼କୁ ଅନେଇ କହିଲେ ତମେ ଯେଉଁ ଝିଅ ସହ ଦେଖା କରିବାକୁ ପାଗଳ ହେଉଥିଲ ଇଏ ହେଉଛି ସେଇଝିଅ। ମୋ ଆଖିରୁ ଠପ୍ ଠପ୍ ଲୁହ ଝରି ଆସିଲା, ତାଙ୍କୁ ପଚାରିଲି ତମେ ସତ କହୁଛ, ଇଏ ସେଇଝିଅ। ହେଲେ ଆଜି ପର୍ଯ୍ୟନ୍ତ କହୁନଥିଲ କାହିଁକି। ମୁଁ ଆଉ କିଛି କହିପାରିବିନି କହି ସେ ଚାଲିଗଲେ। ମୋ ସ୍ତ୍ରୀ ମୋତେ ପଚାରିଲେ ଆରେ କେଉଁ ଝିଅ, କ'ଣ କଥା, ମୋତେ ଟିକେ କୁହ। ମୁଁ ତାଙ୍କୁ ଆଲିଙ୍ଗନ କରି କହିଲି ଅନେକ ଦିନ ତଳର କଥା, ତମ ସାଙ୍ଗ ଠାରୁ ତମ ବିଷୟରେ ଜାଣିବାପରଠୁ ତମକୁ ନଦେଖି ମଧ୍ୟ ମୁଁ ମୋ ହୃଦୟରେ ତୁମକୁ ଏକ ସ୍ୱତନ୍ତ୍ର ସ୍ଥାନ ଦେଇସାରିଥିଲି, ଆଉ ତୁମ ପ୍ରତି ମୋ ଅନ୍ତରରେ ଅମାପ ଭଲପାଇବା ଠୁଳ ହେଇସାରିଥିଲା। କିନ୍ତୁ ନିୟତିର ନିୟମ ଦେଖ, ଆମ ଅଜାଣତରେ ଆମ ଦୁହିଙ୍କୁ ଏକାଠି କରେଇଦେଲା ଏକ ସୁନ୍ଦର ଉପହାର ସହିତ। ହେଲେ ଶୁଣ, ଭଗବାନ ତ ଆମକୁ ଏକାଠି କରେଇଦେଲେ ସତ, ହେଲେ ଏଇ ଉପହାର କଥା ତୁମେ ଜାଣିବ କହୁଥିଲ ପରା। ଏକଥା କ'ଣ ଜାଣିବନି। ମୁଁ ଆଖିରୁ ଲୁହ ପୋଛି କହିଲି ହଉ କୁହ। ସେ କହିଲେ, ସେଦିନ ମୁଁ ମାମୁଁ ଘରକୁ ଯାଇଥାଏ, ସଂଧ୍ୟାସମୟ, ମାମୁଁ ଘରେ କେହି ନଥାଆନ୍ତି। ହଠାତ ଆକାଶରେ ଘୋଟି ଆସିଲା କଳାବାଦଲ ସାଙ୍ଗକୁ ବତାସ। କିଟି ମିଟି ଅନ୍ଧକାର ଛାଇଗଲା ସବୁଆଡ଼େ, ଲଣ୍ଠନଟି ଜଳାଇ ବସିଥାଏ ଝରକା ପାଖରେ, ଭାରି ଡର ଲାଗୁଥାଏ ଓ ଏକୁଟିଆ ଅନୁଭବ ହେଉଥାଏ। ଠିକ୍ ଏଇ ସମୟରେ କେହିଜଣେ ଓଦା ଜୁତୁବୁତୁ ଅବସ୍ଥାରେ ଓଳି କଡ଼ରେ ଛିଡ଼ାହେଇଥାଆନ୍ତି। ଆଉ ମୁଁ ତାଙ୍କୁ ଭିତରକୁ ଡାକିଆଣିଲି। ହେଲେ ମୁଁ ତାଙ୍କ ଯୌବନକୁ ଦେଖି ମୋ ଭିତରେ ଥିବା ଯୌବନର ଅଗ୍ନିକୁ ଲିଭେଇପାରିଲିନି। କଥା ହେଉ ହେଉ ସମର୍ପିତ ହେଇଗଲି ତାଙ୍କରି ପାଖରେ। ଆଉ ମୋ ସାଙ୍ଗ କହୁଥିଲା ସେଦିନ ରାତିରେ ତମେ ମୋତେ ଦେଖାକରିବାକୁ ଆମ ଗାଁ ହୁଣ୍ଡି ଘରକୁ ଆସିବ ବୋଲି। ତମ ପ୍ରତି ମୋର ମଧ୍ୟ ଅମାପ ଭଲ ପାଇବା ଥିଲା। ହେଲେ ମୁଁ ସେଦିନ କଳଙ୍କିତ ହେଇ ସାରିବା ପରେ ଆଉ ତୁମସହ କିପରି ଦେଖା ହେଇ ପାରିଥାଆନ୍ତି। ମୋ ଆଖିରୁ ଧାର ଧାର ଲୁହ ଝରି ପଡୁଥାଏ ଆଉ ମୁଁ ମୋ ସ୍ତ୍ରୀକୁ ବାହୁ ବନ୍ଧନରେ ବହୁତ ଜୋରରେ ଜାବୁଡ଼ି ଧରି ଧିର ସ୍ୱରରେ କହିଲି, ସେଦିନ ରାତିର ସେଇ ଅଭୁଲା ସ୍ମୃତିକୁ ମନେ ରଖିବା ପାଇଁ ତୁମେ କହିଥିଲ ଝରକା ଖୋଲାଅଛି। ସେ ମଧ୍ୟ ଧୀର ସ୍ୱରରେ କହିଲେ ହଁ। ମୋ ବାହୁବନ୍ଧନରୁ ହଠାତ୍ ମୁକୁଳିଯାଇ କହିଲେ ତମେ କେମିତି ଜାଣିଲ ? ମୁଁ କହିଲି ଆଲୋ ହୁଣ୍ଡି, ସେଦିନ ତମ ଗାଁକୁ ଯିବା ବାଟରେ ବର୍ଷାରେ ଭିଜିଯାଇ ଆଶ୍ରୟ ନେବାକୁ କାନ୍ଥ ପାଖରେ ଆଉଜି ଠିଆହେଇଥିବା ଲୋକ ଓ ଝରକା ଭିତର ଦେଇ ଘରଭିତରକୁ ପସି ଖାଲରେ ପଡ଼ିଯାଇଥିବାଲୋକ, ଓ ତମ ସହ ରାତିତମାମ କଥା ହେଇ ତୁମ ଅଧରରୁ ଝରୁଥିବା ଅଧର ମଧୁ ପାନକରି ଶରୀରକୁ ଉପଭୋଗ କରିଥିବା ଲୋକଜଣକ ଆଉକେହି ନୁହନ୍ତେ। ସେ ହେଉଛନ୍ତି ମୁଁ। ଦୁହେଁ ଦୁହିଙ୍କୁ ଆଲିଙ୍ଗନ କରି ଓଠରେ ଓଠକୁ ମିଶାଇବାବେଳେ ସେ କହିଲେ, ଝରକା ଖୋଲା ଅଛି।

ଦିଗମ୍ବର ବେହେରା
କୁମୁଟିଗୁଡ଼ା, ମାଲକାନଗିରି
ମୋ: ୯୭୭୬୪୬୬୪୮୭

ଧର୍ମମାସ

ଆସିଗଲା ଧର୍ମ ମାସ
ପାପ ଯିବ ଛାଡି
ଭଜନ ଭୋଜନ ପାଇଁ
ମନ ଯାଏ ଉଡ଼ି।
ଆମିଷଠୁ ବହୁଦୂରେ
ସାତ୍ତ୍ୱିକ ଆହାର
ମନ୍ଦ ଚିନ୍ତା ଛାଡ଼ିଦେଇ
ପ୍ରାର୍ଥନା ଈଶ୍ୱର।
ଗୃହ ତ୍ୟାଗ କରି ଦେଇ
ସବୁବେଳେ ଧ୍ୟାନ
ସଞ୍ଜବେଳେ ଏକ ବକ୍ତ
ଅରୁଆ ଭୋଜନ।
ଆପେ ଆପେ ଧର୍ମ ଆସି
ପାଖରେ ରହିବ
ପାପ ମୁହଁ ଯିବ ଚାଲି
ଖାଲି ପ୍ରେମ ଭାବ।
ଜୀବ ହତ୍ୟା ମହାପାପ
ଧର୍ମ ଦିଏ ବାଣୀ
ଧର୍ମ ମାସ ସରିଗଲେ
ପାପ ଲେଉଟାଣି।
ଗୃହକୁ ଆବୋରୀ ନେଇ
ଆମିଷରେ ମନ
ପାପ ସେଠି ମାଡ଼ି ଚାଲେ
ବାକି ସବୁ ଦିନ।
ଏମିତି କାହିଁକି ହୁଏ
ଧର୍ମ ଯାଏ ମରି
ପାପର ଗଣ୍ଡିଲି ତଳେ
ଭାବ ଭକ୍ତି ଭାରି।
ମିଛ ଖାଲି ଧର୍ମ ମାସ
ଲୋକ ଦେଖାଣିଆ
ଆମିଷରେ ମନ ଥାଏ
କି ଧର୍ମ ପଣିଆ।
ଗୋଟେ ମାସ ଧର୍ମ କରି
କି ଫଳ ମିଳିବ
ସବୁବେଳେ ପାପ ଚିନ୍ତା
ଈର୍ଷା ଅନୁଭବ।

ସୁଧୀର କୁମାର ଦାସ
ତରାବୋଇ, ଜଟଣୀ, ଖୋର୍ଦ୍ଧା

ତୁମେ

ସୁନେଲି ସକାଳ ଆସେ
ଅନେକ ଆଶା ବାନ୍ଧି ମନେ
ସବୁତକ ଆଶା ସମ୍ପୂର୍ଣ୍ଣ ହେଉ
ଭାବୁଥାଏ ନିକାଞ୍ଚନେ।
ତୁମେ ମୌସୁମୀର
ଚଞ୍ଚଳ ବେଗେ ଆସ
ଝିପିଝିପି ଅସରାଏ
ବର୍ଷାରେ ଆସ
ତୁମେ ଧାରା ଶ୍ରାବଣଟେ
ହୋଇ ଆସ
ତୁମ ପାଇଁ
ଏ ଦରଜା ଖୋଲା, ଆସ।
ଜୀବନର ସାତଘେରା ଜଞ୍ଜାଳରେ
ମୁଁ ତୁମକୁ ହିଁ ତ ଖୋଜୁଥାଏ
ଦୁଃଖର ନଦୀରେ ସୁଖ ଖୋଜେ'
ରହେ ପାଇବାକୁ
ଅମୃତର ସନ୍ଧାନରେ।
ତୁମେ କ'ଣ ଚାହଁନି
ଦରଦ ବୁଝିବାକୁ
ଭୁଲିଯାଅ
ଅତୀତର କଷ୍ଟସବୁ
ଚାଲ ଜିଇଁନେବା
ବାକିତକ ଜୀବନ
ଖୁସିରେ ଖୁସିରେ ମିଳନର।

ଲକ୍ଷ୍ମୀକାନ୍ତ ସାହୁ
ଡୁଡୁକାମୁଣ୍ଡା, ବଲାଙ୍ଗିର

ଜାତୀୟ ଚେତନା
JATIYA CHETANA

ସୁନେଲିତା ଟପ୍ପୋ ପାଇବେ ୩୪ତମ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର,(ଜା.ପ୍ର): ହକି ଖେଳାଳି ସୁନେଲିତା ଟପ୍ପୋ ପାଇବେ ପ୍ରତିଷ୍ଠିତ ୩୪ତମ ଏକଲବ୍ୟ ପୁରସ୍କାର (୨୦୨୬)। ଭୁବନେଶ୍ୱରରେ ଅନୁଷ୍ଠିତ ଏକ ବୈଠକରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ଜୁରୀ ସଦସ୍ୟମାନଙ୍କୁ ନେଇ ଗଠିତ ଏକଲବ୍ୟ ପୁରସ୍କାର କମିଟି ସର୍ବସମ୍ମତିକ୍ରମେ ତାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରିଛି। ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ ଚାରିଟେବୁଲ୍ ଟ୍ରଷ୍ଟ (ଇମ୍ପାକ୍ଟ) ଦ୍ୱାରା ପ୍ରତିଷ୍ଠିତ ଏବଂ ଭାରତର ସର୍ବବୃହତ ଫେରୋ କ୍ରୋମ୍ ଉତ୍ପାଦନକାରୀ କମ୍ପାନୀ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ୍ ଫେରୋ ଆଲୟଜ୍ ଲିମିଟେଡ୍ (ଇମ୍ପା) ଦ୍ୱାରା ପରବର୍ତ୍ତୀ ସମୟରେ ଅନୁଷ୍ଠିତ ଏକ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯିବ।



ହକି କ୍ଷେତ୍ରରେ ଜଣେ ଉଦୀୟମାନ ପ୍ରତିଭା ସୁନେଲିତା ଟପ୍ପୋ ତାଙ୍କର ଅସାଧାରଣ ପ୍ରଦର୍ଶନ ଏବଂ ସଫଳତା ପାଇଁ ଏହି ସ୍ୱୀକୃତି ଲାଭ କରିଛନ୍ତି। ଏହି ପୁରସ୍କାର ବାବଦରେ ତାଙ୍କୁ ୭ ଲକ୍ଷ ଟଙ୍କାର ନଗଦ ରାଶି ସହ ଏକ ଟ୍ରଫି ପ୍ରଦାନ କରାଯିବ।

ଏହାବ୍ୟତୀତ ହକି ଖେଳାଳି ଅମନଦୀପ ଲାକ୍ରା ଏବଂ ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍‌ଭୀ ପାତ୍ରୀଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ପ୍ରଶସ୍ତିପତ୍ର ପୁରସ୍କାର ପାଇଁ ମନୋନୀତ କରାଯାଇଛି। ପ୍ରତ୍ୟେକ ଉପବିଜେତାଙ୍କୁ ସମାରୋହରେ ମାନପତ୍ର ସହ ୧.୫ ଲକ୍ଷ ଟଙ୍କାର ନଗଦ ପୁରସ୍କାର ରାଶି ପ୍ରଦାନ କରାଯିବ। ଏକଲବ୍ୟ ପୁରସ୍କାର କମିଟିର ଅଧ୍ୟକ୍ଷ ତଥା 'ଇମ୍ପାକ୍ଟ'ର ଟ୍ରଷ୍ଟି ବୈଜୟନ୍ତ ପଣ୍ଡା ଏହି ଘୋଷଣା କରିଛନ୍ତି।

ସିନ୍ଧୁ ହାଇଲୋ ଓପନ୍ ଚାମ୍ପିଅନ୍

ନୂଆଦିଲ୍ଲୀ,(ଏଜେନ୍ସି): ଭାରତୀୟ ଷ୍ଟାର୍ ଶଟ୍‌ଲର୍ ପିଭି ସିନ୍ଧୁ ହାଇଲୋ ଓପନ୍ ସୁପର୍ ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଚାମ୍ପିଅନ୍ ହୋଇଛନ୍ତି। ରବିବାର ଜର୍ମାନୀର ସାରବ୍ରୁକେନ୍‌ରେ ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲ୍‌ରେ ସିନ୍ଧୁ ଡେନ୍‌ମାର୍କର ଲାଇନ୍ ହୋଜମାର୍କ କଜର୍ସଫେଲ୍ଟଙ୍କୁ ୨୧-୧୨, ୨୧-୧୪ ସିଧା ଗେମ୍‌ରେ ହରାଇ ଦେଇଛନ୍ତି। ଏହି ବିଜୟ ସହ ସିନ୍ଧୁ ସିଜନ୍‌ରେ ନିଜର ଦ୍ୱିତୀୟ ଟାଇଟଲ୍ ହାସଲ କରିଛନ୍ତି। ଏହା ପୂର୍ବରୁ ଜୁଲାଇରେ ସେ ଜାପାନ ଓପନ୍ ଟାଇଟଲ୍ ନିଜ ନାମରେ କରିଥିଲେ। ଅବଶ୍ୟ ଗତ ସପ୍ତାହରେ ଖେଳାଯାଇଥିବା ଫ୍ରେଞ୍ଚ୍ ଓପନ୍‌ରେ ତାଙ୍କୁ ଉପବିଜେତାରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

ଫାଇନାଲ୍ ମ୍ୟାଚ୍‌ରେ ଦ୍ୱିତୀୟ ସିଡ୍ ସିନ୍ଧୁ ଚମତ୍କାର ପ୍ରଦର୍ଶନ କରିଥିଲେ। ନିଜର ଦମ୍‌ଦାର ସ୍ମାଶ୍, ସଠିକ୍ ଶଟ୍ ଏବଂ ଉନ୍ନତ ରଣନୀତି ବଳରେ ଅଷ୍ଟମ ସିଡ୍ କଜର୍ସଫେଲ୍ଟଙ୍କୁ କୌଣସି ବଡ଼ ସୁଯୋଗ ଦେଇନଥିଲେ। ପ୍ରାୟ ୩୯ ମିନିଟ୍ ପର୍ଯ୍ୟନ୍ତ ଚାଲିଥିବା ମ୍ୟାଚ୍‌ରେ ସିନ୍ଧୁ ୨୧-୧୨, ୨୧-୧୪ରେ ବିଜୟୀ ହୋଇ ଟାଇଟଲ୍ ଜବ୍‌ଜା କରିଥିଲେ। ଏହି ବିଜୟ ସହିତ ସିନ୍ଧୁ ଡେନ୍‌ମାର୍କ ଖେଳାଳିଙ୍କ ବିପକ୍ଷ ରେକର୍ଡ ୬-୧ କରିଛନ୍ତି। କଜର୍ସଫେଲ୍ଟଙ୍କୁ ସିନ୍ଧୁଙ୍କ ବିପକ୍ଷରେ ଏକମାତ୍ର ବିଜୟ ୨୦୨୫ର ସୁଦୀରମନ କପ୍ ଫାଇନାଲ୍‌ରେ ମିଳିଥିଲା। ହାଇଲୋ ଓପନ୍ ଫାଇନାଲ୍‌ରେ ବିଜୟ ସହିତ ଭାରତୀୟ ଖେଳାଳି ନିଜ ଦବ୍‌ଦବା ପୁଣିଥରେ ସାବ୍ୟସ୍ତ କରିଛନ୍ତି।

ଏହି ଟାଇଟଲ୍ ବିଜୟ ସହିତ ବିଶ୍ୱ ନମ୍ବର-୮ ସିନ୍ଧୁଙ୍କୁ ୯୨୦୦ ର‍ୟାଙ୍କିଙ୍ଗ୍ ପଏଣ୍ଟ ମିଳିଛି। ଫଳରେ ବର୍ଷ ଶେଷରେ ହେବାକୁ ଥିବା ବିଶ୍ୱ ଟୁର୍ ଫାଇନାଲ୍ସରେ ତାଙ୍କ ସ୍ଥାନ ହାସଲର ଆଶା ମଜଭୁତ ହୋଇଛି।

୨ୟ ଅନ୍‌ଅଫିସିଆଲ୍ ଟେଷ୍ଟ: ଜୁରେଲ୍‌ଙ୍କ ଶତକ, ଆକାଶ ଦୀପଙ୍କ ଅର୍ଦ୍ଧଶତକ

କ୍ରାଏଷ୍ଟଚର୍ଚ୍ଚ,(ଏଜେନ୍ସି): ଇଣ୍ଡିଆ-ଏ' କ୍ରାଏଷ୍ଟଚର୍ଚ୍ଚରେ ଖେଳାଯାଉଥିବା ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ୍‌ରେ ନ୍ୟୁଜିଲାଣ୍ଡ-ଏ ବିପକ୍ଷ ପ୍ରଥମ ଇନିଂସ୍‌ରେ ୩୪୬ ରନ୍ କରିଛି। ଜବାବରେ ରବିବାର ଦ୍ୱିତୀୟ ଦିନ ଷଷ୍ଠ ବେଳକୁ ନ୍ୟୁଜିଲାଣ୍ଡ-ଏ' ୩ ୱିକେଟ୍‌ରେ ୨୧୮ ରନ୍ କରିନେଇଛି। ଇଣ୍ଡିଆ-ଏ' ପକ୍ଷରୁ କ୍ୟାପ୍‌ଟେନ୍ ଧ୍ରୁବ ଜୁରେଲ୍ ୧୭୧ ବଲ୍‌ରେ ୧୦୫ ରନ୍‌ର ଇନିଂସ୍ ଖେଳିଛନ୍ତି। ୪ ଘଣ୍ଟା ୭ ମିନିଟ୍ ବ୍ୟାଟିଂ କରିଥିବା ଜୁରେଲ୍‌ଙ୍କ ଇନିଂସ୍‌ରେ ୧୧ ଚୌକା ଓ ୩ ଛକା ସାମିଲ। ଏହା ଜୁରେଲ୍‌ଙ୍କ ପ୍ରଥମ ଶ୍ରେଣୀ କ୍ୟାରିୟରର ୮ମ ଶତକ ଥିଲା।



ରବିବାର ଇଣ୍ଡି ଆ-ଏ ୨୯୧/୭ ସ୍କୋରରୁ ଆଗକୁ ଖେଳି ୫୫ ରନ୍ ମଧ୍ୟରେ ବାକି ୩ ୱିକେଟ୍ ହରାଇଥିଲା। ଏକଦା ଇଣ୍ଡିଆ-ଏ ୧୩୭ ରନ୍‌ରେ ୫ ୱିକେଟ୍ ହରାଇଥିଲା। ଏହାପରେ ଜୁରେଲ୍ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପାର୍ଟନରଶିପ୍ କରି ଟିମ୍‌ର ସ୍କୋର୍ ୩୦୦ ରନ୍ ପାର୍ କରାଇଥିଲେ। ସେ ୭ମ ୱିକେଟ୍ ପାଇଁ ମାନବ ସୁଥାର (୨୨)ଙ୍କ ସହ ୯୭ ବଲ୍‌ରେ ୬୨ ରନ୍ ଯୋଡ଼ିଥିଲେ। ପୁଣି ଆକାଶ ଦୀପଙ୍କ ସହ ୮ମ ୱିକେଟ୍ ପାଇଁ ୧୪୨ ବଲ୍‌ରେ ୭୫ ରନ୍‌ର ବଡ଼ ପାର୍ଟନରଶିପ୍ କରିଥିଲେ। ଆକାଶ ଦୀପ ୧୧୬ ବଲ୍‌ରେ ୧୦ ଚୌକା ଓ ୨ ଛକା ସହାୟତାରେ ୬୮ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିଲେ। ଏହା ଆକାଶ ଦୀପ୍‌ଙ୍କ ପ୍ରଥମ ଶ୍ରେଣୀ କ୍ୟାରିୟରର ସବୁଠୁ ବଡ଼ ସ୍କୋର୍। ୩୪୬ ରନ୍ ଜବାବରେ ରବିବାର ନ୍ୟୁଜିଲାଣ୍ଡ-ଏ'ର ଆରମ୍ଭ ଭଲ ନଥିଲା। ମହମ୍ମଦ ସିରାଜ୍ ୫ମ ଓଭରରେ କ୍ୟାପ୍‌ଟେନ୍ ରାଇସ୍ ମାରିୟୁ (୪)ଙ୍କୁ ୱିକେଟ୍ ପଛରେ ଜୁରେଲ୍‌ଙ୍କ ହାତରେ କ୍ୟାଚ୍ କରାଇଥିଲେ। ଏହାପରେ ୮ମ ଓଭରରେ ମୁକେଶ କୁମାର ଟିମ୍‌କୁ ଦୁଇଟି ଝଟ୍‌କା ଦେଇଥିଲେ। ଓଭର୍‌ର ଚତୁର୍ଥ ବଲ୍‌ରେ କର୍ଟିସ୍ ହିଫି (୪) ଏବଂ ୬ଷ୍ଠ ବଲ୍‌ରେ ଟିମ୍ ରବିନ୍‌ସନ୍ (୩)ଙ୍କୁ ଆଉଟ୍ କରିଥିଲେ। ୧୩ ରନ୍‌ରେ ଟିମ୍ ୩ ୱିକେଟ୍ ହରାଇବା ପରେ ମାଥ୍ୟୁ ବଏଲ୍ ଓ ଡିନ୍ ଫକ୍‌କ୍ରଫ୍‌ଟ ଇନିଂସ୍ ସମ୍ଭାଳି ଅବିଭାଜିତ ଚତୁର୍ଥ ୱିକେଟ୍ ପାଇଁ ୨୦୫ ରନ୍ ଯୋଡ଼ି ଟିମ୍‌କୁ ବିପଦରୁ ଉଦ୍ଧାର କରିଥିଲେ। ମାଥ୍ୟୁ ବଏଲ୍ ୧୪୮ ବଲ୍‌ରେ ୧୦୭ ରନ୍ ଏବଂ ଫକ୍‌କ୍ରଫ୍ଟ ୧୮୦ ବଲ୍‌ରେ ୮୦ ରନ୍ କରି ଅପରାଜିତ ରହିଛନ୍ତି।

ଭାରତ ପ୍ରଥମ ରାଜ୍ୟଗୋଷ୍ଠୀ କବାଡ଼ି ଚାମ୍ପିଅନ୍

ଭୁବନେଶ୍ୱର,(ଜା.ପ୍ର): ଭାରତ ଅହମଦାବାଦରେ ଆୟୋଜିତ ପ୍ରଥମ ରାଜ୍ୟଗୋଷ୍ଠୀ କବାଡ଼ି ଚାମ୍ପିଅନ୍‌ଶିପ୍‌ରେ ଡବଲ୍ ଟାଇଟଲ୍ ଜିତିଛି। ଭାରତୀୟ ପୁରୁଷ ଟିମ୍ ଶନିବାରର ଫାଇନାଲ୍‌ରେ ଶ୍ରୀଲଙ୍କାକୁ ୫୪-୨୦ରେ ହରାଇ ପ୍ରଥମ ରାଜ୍ୟଗୋଷ୍ଠୀ ଚାମ୍ପିଅନ୍‌ର ଗୌରବ ହାସଲ କରିଛି। ସେହିପରି ମହିଳା ଟିମ୍ ଉଗାଣ୍ଡାକୁ ୩୫-୧୫ରେ ମାତ୍ ଦେଇ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛି। ପୁରୁଷ ଓ ମହିଳା ଉଭୟ ଟିମ୍ ପୂରା ଟୁର୍ଣ୍ଣାମେଣ୍ଟ୍‌ରେ ଅଜେୟ ରହି ଟାଇଟଲ୍ ଜିତିଛନ୍ତି। ପୁରୁଷ ଟିମ୍ ଲଗାତାର ୮ ମ୍ୟାଚ୍ ଏବଂ ମହିଳା ଟିମ୍ ସମସ୍ତ ୬ ମ୍ୟାଚ୍ ନିଜ ନାମରେ କରିଥିଲେ। ପୁରୁଷ ଫାଇନାଲ୍‌ରେ ଭାରତୀୟ ଟିମ୍ ୩୦ ରେଡ୍ ଏବଂ ୧୪ ଟ୍ୟାକଲ୍ ପଏଣ୍ଟ୍ ହାସଲ କରିଥିଲା। ଟିମ୍ ଚାରିଥର ଶ୍ରୀଲଙ୍କାକୁ ଅଲ୍‌ଆଉଟ୍ କରିଥିବା ବେଳେ ଥରେ ବି ଅଲ୍‌ଆଉଟ୍ ହୋଇନଥିଲା। ଟିମ୍ ପକ୍ଷରୁ ଆଦିତ୍ୟ ସିନ୍ଦେ ସର୍ବାଧିକ ୧୦ ରେଡ୍ ପଏଣ୍ଟ୍ ଏବଂ ଯୋଗେଶ୍ ଦାୟିୟା ୫ ଟ୍ୟାକଲ୍ ପଏଣ୍ଟ୍ ହାସଲ କରିଥିଲେ। ଅନ୍ୟପକ୍ଷରେ ଶ୍ରୀଲଙ୍କା ଟିମ୍ ପୂରା ମ୍ୟାଚ୍‌ରେ ୪୧ ରେଡ୍‌ରୁ କେବଳ ୭ ସଫଳ ରେଡ୍ କରିଥିଲା। ଟିମ୍ ପାଇଁ ମଦୁବନ୍ତା ସର୍ବାଧିକ ୬ ଟ୍ୟାକଲ୍ ପଏଣ୍ଟ୍ ହାସଲ କରିଥିଲେ। ଶ୍ରୀଲଙ୍କା ରେଡର୍ସ ଭାରତୀୟ ଡିଫେନ୍ସ ଆଗରେ ସଂଘର୍ଷ କରୁଥିବା ଦେଖିବାକୁ ମିଳିଥିଲା।

ମହିଳା ଫାଇନାଲ୍‌ରେ ଭାରତ ପକ୍ଷରୁ ସାକ୍ଷୀ ସର୍ବାଧିକ ୯ ରେଡ୍ ପଏଣ୍ଟ୍ ହାସଲ କରିଥିଲେ। କ୍ୟାପ୍‌ଟେନ୍ ନିଧି ଶର୍ମା ୫ ପଏଣ୍ଟ୍ ହାସଲ କରିଥିବା ବେଳେ ଅନୁଙ୍କୁ ୬ ରେଡ୍ ପଏଣ୍ଟ୍ ମିଳିଥିଲା। ଡିଫେନ୍ସରେ ରିତୁ ଓ ସୁମନ ୪-୪ ଟ୍ୟାକଲ୍ ପଏଣ୍ଟ୍ ହାସଲ କରିଥିଲେ। ଉଗାଣ୍ଡା ପକ୍ଷରୁ ନକାୟଙ୍ଗୋ ଶିରାଟ ସର୍ବାଧିକ ୧୧ ପଏଣ୍ଟ୍ ହାସଲ କରିଥିଲେ। ସେ ଟିମ୍‌ର ୩୫ ରେଡ୍‌ରୁ ୨୪ ରେକଡ୍ କରିଥିବା ବେଳେ ବାକି ଖେଳାଳିଙ୍କ ପର୍ଯ୍ୟାପ୍ତ ସୁଯୋଗ ମିଳିନଥିଲା।

ମନବୋଧ



ଆଜି ମଲେ କାଲିକୁ ଦୁଇଦିନ ହୋଇବ
ଯଦି ତୁ ଭଜିବୁ ଜଗତ ନାଥଙ୍କୁ
ଜୀବ ପରମ ଶାନ୍ତି
ପାଇବ,ପାଇବ,ପାଇବ
ଆଜି ମଲେ କାଲିକୁ।
ନୀଳାଚଳ ବାସୀ ଜଗତ ନାଥ
ହାତଧରି ସିଏ ଦେଖାନ୍ତି ପଥ
ତାଙ୍କ ଠାରେ ମନ ଧ୍ୟାନ ଯୋଗ କଲେ
ଜୀବ ପାପରୁ ମୁକ୍ତି ପାଇବ।
ଆଜି ମଲେ କାଲିକୁ ଦୁଇଦିନ ହୋଇବ
ମାୟା ମୋହରେ ତୁ ହୋଇଛୁ ବନ୍ଧା
ଜଞ୍ଜାଳ ଜାଲରେ ତୋ ଦେହ ଛନ୍ଦା
ବନ୍ଧା ଛନ୍ଦାରୁ ତୁ ମୁକୁଳିବା ପାଇଁ
କେବେ ତୋ' ମନ ସ୍ଥିର ହୋଇବ,
ଆଜି ମଲେ କାଲିକୁ ଦୁଇଦିନ ହୋଇବ ।
ଅଢେଇ ଦିନିଆ ସଂସାର ଏହି,
ପ୍ରଭୁ କର ପାର ଆଶିଷ ଦେଇ
ଭରସା ନକଲେ ତୁମକୁ ହେ ନାଥ
ଏ ଜୀବ ବହୁ କଷ୍ଟ ସହିବ।
ଆଜି ମଲେ କାଲିକୁ ଦୁଇଦିନ ହୋଇବ।

କବିଜ୍ୟୋତି ନିରଞ୍ଜନ ପତି
ମୋ: ୯୯୩୮୧୩୩୫୫୯

ଥରୁଟିଏ ପାଇଁ

ଥରୁଟିଏ ପାଇଁ
ବାସ୍ ଥରୁଟିଏ ପାଇଁ
ମିଳିଯାଆନ୍ତା ତୁମେ ରହୁଥିବା
ଇଲାକାର ଠିକଣା
ମୋ ଲହୁର ପାରିଶ୍ରମିକ
ଗୋଟି ଗୋଟି କରି ଗଣି
ପହଞ୍ଚିଯାଆନ୍ତି ତୁମରି ପାଖେ,
ହେଉପଛେ
ବାସ୍ ଥରୁଟିଏ ପାଇଁ।
କହିଯାଆନ୍ତି ଏକ ନିଃଶ୍ୱାସକେ
ତୁମେ ଅନୁପସ୍ଥିତିର ଦାଉ
ଧକ୍କା ବିତାଇଥିବା
ଅନୁଭୂତି ପୁଣି ଦେଖନ୍ତ
ତୁମ ହାତ ଗଡା କଷ୍ଟେଇ ର
ପ୍ରତିଭା ଆପଣା ଆଖିରେ
ହେଉ ପଛେ,
ବାସ୍ ଥରୁଟିଏ ପାଇଁ।
ଅବିଳମ୍ବେ ଶୁଣିବାକୁ ପଡ଼ନ୍ତା
ତୁମ ତାଗିଦ୍‌ର ସ୍ୱର ବାପା।
ପରିଶ୍ରମର ଉଣା ପାଇଁ
ମୁଣ୍ଡପାତି ସହିଯାଆନ୍ତି
ଗାଳି ପରେ ଗାଳି,
ଶୁଣିଥାଆନ୍ତି ତୁମରି ଆବାଜ୍
ହେଉପଛେ
ବାସ୍ ଥରୁଟିଏ ପାଇଁ।
ଅନେକ ବାଃ ବାଃ
ଭିତରେ ସଂଶୋଧନ
ଅନେକ ଶୁଭେଚ୍ଛା
ଭିତରେ ତର୍ଜମାର
ନାହିଁ ନାହିଁ ତୁମ ଶୂନ୍ୟସ୍ଥାନ
ଦେଖି ଦେଇ ଯାଅ
ହେଉପଛେ
ବାସ୍ ଥରୁଟିଏ ପାଇଁ...
...ବାପା...
ଥରୁଟିଏ ପାଇଁ ॥

ମନୀଷା ପଣ୍ଡା (ଶିକ୍ଷୟିତ୍ରୀ)
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ଅଙ୍ଗରାନ୍ତିପୁର, ଢେଙ୍କାନାଳ

ଚିହ୍ନାସ୍ୱର

ରଙ୍ଗନୟରର ସେଇ ଚିହ୍ନାସ୍ୱର
ମନରେ ଆଙ୍କିଥିବା ତା'
ଅଦେଖା ଛବି
ବାରମ୍ବାର ଆଖିରେ ନାଚିଉଠେ
ମନକୁ ବୁଝାଇ ଚୁପ୍ ରହିଲେ ବି
ଖାଲି ସେଇ ଛବି
ଅଜଣା ଆଖି ଦୁଇଟି
ଝଲସିଦିଶେ
କୋଇଲିର ମିଠାସ୍ୱର
ଝରଣାର କୁଳୁକୁଳୁ ସଙ୍ଗୀତ
ଛାତିର ସ୍ପନ୍ଦନ
ମନକୁ ଅଧିରକରେ
ସେଇ ସ୍ୱର ଦିନେ ନ ଶୁଣିଲେ
କାହିଁକି ମନଟା ଅବୁଝା ହୁଏ
ତା' କପର ଉଷ୍ମତା ବି
କମ୍ ହୋଇଯାଏ
ଫୋନର ରିଙ୍ଗଟୋନ
କାନରେ ବାଜିଗଲେ
ଦିନର ଦ୍ୱିପ୍ରହର ବି ସକାଳ ପରି
ତାଜା ହୁଏ
ସାଥି ବିନା ଜୀବନଟା ଅଧୁରା
ଯେବେ କଥା ହୁଏ
ବୈଶାଖୀ ତାତି ବି
କୁସୁମ ପରି
ଖାଲି ସେଇ ଚିହ୍ନାସ୍ୱରଟି ପାଇଁ

କିରଣ ମନୀଷା ମହାନ୍ତି
ରେଞ୍ଜ, ପୁରୀ

ବିଶ୍ଳେଷଣ

ତାତିଲା ତେଲ,
ଜଳିଲା ସଳିତା,
ପ୍ରଶଂସା ପାଇଲା ଦୀପ
ଏବେ ଦେଖତ !
ସେ ବି ଆଲୋକବର୍ତ୍ତିକା ସାଜି
ସଂସାର ସାରା ଉଜ୍ଜ୍ୱଳକରେ,
ନିଜ ପରିସର ଅନ୍ଧକାର କିନ୍ତୁ;
ଏଇତ ବଇଠି ତଳର କଥା।
ଶକ୍ତପ୍ରହାରରେ
ଆଘାତ ପାଇଲା କଣ୍ଢା,
ତଥାପି ସେ ଦୃଢ଼
ଜୀବନ ତମାମ
କାନ୍ଥରେ ଧରି ରଖିବ
ଆଉ କାହା ଅସ୍ତିତ୍ୱକୁ
ପ୍ରଶଂସା ପାଇବ କିନ୍ତୁ ଚିତ୍ର
କାଗଜର ଠୁଙ୍କା ନଥିଲେ
ଖାଇ କି ପାରନ୍ତ ବାରମଜା
ଏବେ ଖିଆ ସରିଗଲା ପରେ
ଟିକେ ତ ସମ୍ମାନ ଦିଅ
ବାହା ସରିଲେ
ବେଦୀ ମୁହଁପୋଡ଼ା ବୋଲି
ଲୋଚାକୋଚା କରି।

ରାଇରଞ୍ଜନ ନନ୍ଦ
ପୋଲସରା, ଗଞ୍ଜାମ

ଜାତୀୟ ଚେତନା
JATIYA CHETANA



କଲେଜ ଦିନର ଭୟଙ୍କର ପ୍ରେମ କାହାଣୀ ସାମ୍ନାକୁ ଆଣିଲେ

ଅଭିନେତ୍ରୀ କନିକା ମାନ୍

ଗ୍ଲାମର୍ ଦୁନିଆର ଚମକପ୍ରଦ ଜୀବନ ପଛରେ ଅନେକ ସମୟରେ ଲୁଚି ରହିଥାଏ ଅତ୍ୟନ୍ତ କଷ୍ଟଦାୟକ ଓ ଭୟଙ୍କର ଅନୁଭୂତି। ହିନ୍ଦୀ ଟେଲିଭିଜନ୍ ଏବଂ ପଞ୍ଜାବୀ ମନୋରଞ୍ଜନ ଜଗତର ଜଣାଶୁଣା ଅଭିନେତ୍ରୀ କନିକା ମାନ୍ ନିଜର ଅତୀତ ସମ୍ପର୍କକୁ ନେଇ ଏକ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଓ ହୃଦୟବିଦାରକ ଖୁଲାସା କରିଛନ୍ତି। ବାସ୍ତବ ଜୀବନର ଖେଳପ୍ରତିଯୋଗିତା ଭିତ୍ତିକ ସୋ'ର ମଞ୍ଚରେ ଅନ୍ୟ ପ୍ରତିଯୋଗୀମାନଙ୍କ ସହ କଥାବାର୍ତ୍ତା ହେଉଥିବା ସମୟରେ ସେ ନିଜର ପ୍ରଥମ ପ୍ରେମ ଏବଂ ସେଥିରୁ ମିଳିଥିବା ଶାରୀରିକ ଓ ମାନସିକ ନିର୍ଯାତନା ବିଷୟରେ ଖୋଲାଖୋଲି ଭାବେ ବର୍ଣ୍ଣନା କରିଛନ୍ତି। ଦୃଢ଼ ମନୋବଳ ଓ କଠିନ ପରିସ୍ଥିତିକୁ ସାମ୍ନା କରିବାର ଦକ୍ଷତା ପାଇଁ ସଲମାନ ଖାନ୍‌ଙ୍କ ଭଳି ତାରକାଙ୍କଠାରୁ ପ୍ରଶଂସା ପାଇଥିବା କନିକା, ନିଜ କଲେଜ ଦିନରେ ଜଣେ ମାନସିକ ସ୍ତରରେ ଅସ୍ଥିର ଓ ଦୁର୍ବ୍ୟବହାରକାରୀ ପ୍ରେମିକଙ୍କ କବଳରେ ପଡ଼ିଯାଇଥିଲେ।

ଦ୍ୱାଦଶ ଶ୍ରେଣୀ ପାସ୍ କରିବା ପର୍ଯ୍ୟନ୍ତ କନିକାଙ୍କର କୌଣସି ପ୍ରେମିକ ନଥିଲେ। କଲେଜର ପ୍ରଥମ ବର୍ଷରେ ପାଠ ପଢ଼ିବା ପାଇଁ ହରିୟାଣାର ପାନିପତରୁ ଚଣ୍ଡିଗଡ଼ ଯିବା ପରେ ହିଁ ସେ ପ୍ରକୃତ ସ୍ୱାଧୀନତାର ଅନୁଭବ କରିଥିଲେ। ହଷ୍ଟେଲରେ ଅନ୍ୟ ସାଙ୍ଗମାନଙ୍କୁ ରାତିସାରା ଫୋନରେ କଥା ହେବାର ଦେଖି ତାଙ୍କ ମନରେ ମଧ୍ୟ ଜଣେ ସାଥୀ ପାଇବାର ଆଗ୍ରହ ସୃଷ୍ଟି ହୋଇଥିଲା। ଏହି ସାଧାରଣ ଇଚ୍ଛା ଯୋଗୁଁ ସେ ସାମାଜିକ ଯୋଗାଯୋଗ ମାଧ୍ୟମରେ ଏକ ଆକାଉଣ୍ଟ ଖୋଲିଥିଲେ। ସେଠାରେ ଯେଉଁ ପ୍ରଥମ ଯୁବକ ତାଙ୍କ ପ୍ରତି ଆଗ୍ରହ ଦେଖାଇଲେ, ସେ ତାଙ୍କ ସହ ସମ୍ପର୍କରେ ଯୋଡ଼ି ହୋଇଯାଇଥିଲେ। କିନ୍ତୁ ସେହି ସମ୍ପର୍କ ପରବର୍ତ୍ତୀ ସମୟରେ ତାଙ୍କ ପାଇଁ ଏକ ଦୁଃସ୍ୱପ୍ନ ପାଲଟିଯାଇଥିଲା। ସେହି ପୂର୍ବତନ ପ୍ରେମିକ ଜଣକ ଅତ୍ୟନ୍ତ ନିୟନ୍ତ୍ରଣକାରୀ ଓ ହିଂସ୍ର ପ୍ରକୃତିର ଥିଲେ। ଥରେ ସେ ବିନା କୌଣସି ପୂର୍ବ ସୂଚନାରେ କନିକାଙ୍କ ଶ୍ରେଣୀଗୃହକୁ ଆସିଯାଇଥିଲେ। କନିକା ଧାର ଧାର ଡିଜାଇନ୍ ଥିବା ପୋଷାକ ପିନ୍ଧିଥିବାରୁ ସେ କଲେଜର ଭିଡ଼ ଥିବା କରିଡର ମଝିରେ ସମସ୍ତଙ୍କ ସାମ୍ନାରେ ତାଙ୍କୁ ଏକ ପ୍ରଚଣ୍ଡ ଚାପୁଡ଼ା ମାରିଥିଲେ। ସେହି ସମୟରେ କନିକାଙ୍କ କାନ ବିନ୍ଧା ହୋଇଥିବାରୁ ଚାପୁଡ଼ାର ପ୍ରବଳ ଆଘାତ ଯୋଗୁଁ ତାଙ୍କ କାନରୁ ରକ୍ତସ୍ରାବ ହେବା ଆରମ୍ଭ ହୋଇଯାଇଥିଲା। ଏହି ଘଟଣା ସମୟରେ ସେଠାରେ ଉପସ୍ଥିତ ଥିବା କୌଣସି ବ୍ୟକ୍ତି ମଧ୍ୟ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସି ନଥିଲେ।

ସେହି ବ୍ୟକ୍ତିଜଣକ କନିକାଙ୍କ ଚଳପ୍ରଚଳ ଓ ସ୍ୱାଧୀନତା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିବାକୁ ଚେଷ୍ଟା କରୁଥିଲେ। ଥରେ ସେ କନିକାଙ୍କ ଫୋନ୍ ଛଡ଼ାଇ ନେଇ ଲୋକଙ୍କ ଭିଡ଼ ଭିତରକୁ ଫିଙ୍ଗି ଦେଇଥିଲେ ଏବଂ ତାଙ୍କ ହଷ୍ଟେଲ୍ ରୁମ୍‌ର ଚାବି ମଧ୍ୟ ଫିଙ୍ଗି ଦେଇଥିଲେ। ଏହାସହ ବାପାଙ୍କୁ ସବୁକଥା କହିଦେବାର ଧମକ ଦେଇ ସେ ତାଙ୍କୁ ଭାବଗତ ଭାବେ ବ୍ଲାକମେଲ୍ କରୁଥିଲେ। ଥରେ ସେ ସତସତ କନିକାଙ୍କ ବାପାଙ୍କ ପାଖକୁ ଫୋନ୍ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଭାଗ୍ୟବଶତଃ ତାଙ୍କ ବାପା ଫୋନ୍ ଉଠାଇ ନଥିଲେ। କନିକାଙ୍କ କହିବା ଅନୁଯାୟୀ, ଯଦି ସେଦିନ ତାଙ୍କ ବାପା ଫୋନ୍ ଉଠାଇଥାନ୍ତେ, ତେବେ ହୁଏତ ସେ ବହୁତ ଆଗରୁ ଏହି ଯାତନାରୁ ମୁକୁଳି ପାରିଥାନ୍ତେ।

ଏହି ସବୁ ନିର୍ଯାତନା ସହିବା ଭିତରେ କନିକା ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଆଠରୁ ନଅ ମାସ ପର୍ଯ୍ୟନ୍ତ ଆଇନ ପାଠ ପଢ଼ିଥିଲେ, ଯାହା ତାଙ୍କୁ ନିଜ ଅଧିକାର ଓ ଆଇନଗତ ବିଷୟଗୁଡ଼ିକ ବୁଝିବାରେ ସାହାଯ୍ୟ କରିଥିଲା। ଏହା ପରେ ତାଙ୍କ ମନରେ ନିଜ ପାଇଁ ଛିଡ଼ା ହେବାର ସାହସ ଆସିଥିଲା। ସେହି ସମ୍ପର୍କର ଶେଷ ମୁକାବିଲା ଥିଲା ଅତି ଭୟଙ୍କର। ସେହି ବ୍ୟକ୍ତିଜଣକ ହଷ୍ଟେଲ୍‌ରୁ କଲେଜ୍ ପର୍ଯ୍ୟନ୍ତ କନିକାଙ୍କୁ ପିଛା କରିଥିଲେ। କଲେଜ୍ ପରିସର ଭିତରକୁ ପ୍ରବେଶ କରୁଥିବା ସମୟରେ ସେ ଏକ ଢାଙ୍କୁଣି ଥିବା ପୋଷାକ ପିନ୍ଧି ହାତରେ ଛୁରୀ ଧରି କନିକାଙ୍କୁ ଟାଣି ନେଇଥିଲେ। ସେହି ଛୁରୀରେ ସେ କନିକାଙ୍କ ହାତର ଶିରା ଉପରେ ତିନି-ଚାରି ଥର ଆଘାତ କରି ଗାଳିଗୁଲଜ କରିଥିଲେ, ଯାହାଫଳରେ କନିକାଙ୍କୁ ଲାଗିଥିଲା ଯେ ସେ ଆଜି ନିଶ୍ଚିତ ଭାବେ ପ୍ରାଣ ହରାଇବେ। କିନ୍ତୁ ସେହି ସମୟରେ ସେଠାରେ ଯାଉଥିବା ଅର୍ଜୁନ ନାମକ ଜଣେ ପରିଚିତ ବ୍ୟକ୍ତିଙ୍କୁ କନିକା ପୋଲିସକୁ ଡାକିବା ପାଇଁ କହିଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ପୋଲିସ ଉପସ୍ଥିତ ଥିବାରୁ ମାତ୍ର ଦୁଇ ମିନିଟ୍ ମଧ୍ୟରେ ପୋଲିସ ପହଞ୍ଚି ତାଙ୍କ ପୂର୍ବତନ ପ୍ରେମିକକୁ ହେପାଜତକୁ ନେଇଥିଲା ଏବଂ ସେ ଦୁଇ-ତିନି ଦିନ ଜେଲରେ ରହିଥିଲେ।

ପୋଲିସ କାର୍ଯ୍ୟାନୁଷ୍ଠାନ ପରେ ମଧ୍ୟ ସେହି ବ୍ୟକ୍ତିଙ୍କ ପରିବାର ଓ ସମ୍ପର୍କୀୟମାନେ କନିକାଙ୍କୁ ଫୋନ୍ କରି ଧମକ ଦେବାକୁ ଲାଗିଥିଲେ। ନିଜର ପରିବାର ଲୋକେ ଏହି ବିଷୟରେ ଜାଣିଲେ କ'ଣ ହେବ, ସେ ନେଇ କନିକା ଅତ୍ୟନ୍ତ ଭୟଭୀତ ଥିଲେ। କିନ୍ତୁ ଶେଷରେ ଯେତେବେଳେ ସେ ନିଜ ପରିବାରକୁ ସବୁକଥା ଜଣାଇଲେ, ତାଙ୍କ ପରିବାର ସମ୍ପୂର୍ଣ୍ଣ ଭାବେ ତାଙ୍କ ସାଥୀରେ ଛିଡ଼ା ହୋଇ ସମର୍ଥନ ଯୋଗାଇଥିଲେ। ଏହି ସମସ୍ତ କଠିନ ପରିସ୍ଥିତିକୁ ପଛରେ ପକାଇ କନିକା ନିଜର ଅଭିନୟ କ୍ୟାରିୟରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଆଇନ ପାଠ ପଢୁଥିବା ସମୟରେ ମଡେଲିଂରୁ ନିଜର ଯାତ୍ରା ଆରମ୍ଭ କରିଥିବା କନିକା, ୨୦୧୫ ମସିହାରେ 'ରୁହଫଜା' ମ୍ୟୁଜିକ୍ ଭିଡିଓ ମାଧ୍ୟମରେ ନଜରକୁ ଆସିଥିଲେ। ୨୦୧୭ରେ ପଞ୍ଜାବୀ ସିନେମା 'ରକି ମେଣ୍ଟାଲ୍'ରେ ସୀରତ ଚରିତ୍ରରୁ ଅଭିନୟ ଜଗତରେ ପାଦ ଥାପିବା ପରେ ୨୦୧୮ରେ 'ବଡ଼ୋ ବହୁ' ଧାରାବାହିକ ମାଧ୍ୟମରେ ହିନ୍ଦୀ ଟେଲିଭିଜନ୍‌ରେ ପ୍ରବେଶ କରିଥିଲେ।

ପରବର୍ତ୍ତୀ ସମୟରେ ୨୦୧୮ରୁ ୨୦୨୧ ପର୍ଯ୍ୟନ୍ତ ସୁପରହିଟ୍ ଧାରାବାହିକ 'ଗୁଡ୍ଡନ୍ ତୁମ୍‌ସେ ନା ହୋ ପାୟେଗା'ରେ ମୁଖ୍ୟ ଭୂମିକାରେ ଅଭିନୟ କରି ସେ ଘରେ ଘରେ ବ୍ୟାପକ ଲୋକପ୍ରିୟତା ହାସଲ କରିଥିଲେ। ଏହାସହ ରୋମାଣ୍ଟିକ୍ ନାଟକ 'ଚାନ୍ଦ ଜଲନେ ଲଗା', 'ନାଗିନ୍' ଧାରାବାହିକର ସପ୍ତମ ସଂସ୍କରଣରେ ରାଧିକା ଭୂମିକା ଏବଂ 'ରୁହାନିୟତ୍' ୱେବ୍ ସିରିଜ୍ ମାଧ୍ୟମରେ ସେ ଡିଜିଟାଲ୍ ଦୁନିଆରେ ନିଜର ଦକ୍ଷତା ପ୍ରତିପାଦିତ କରିପାରିଛନ୍ତି। ନିଜର ଅତୀତର ଦୁଃଖଦ ଭୁଲ୍ ଓ ଯାତନାରୁ ଶିକ୍ଷା ଲାଭ କରି ସେ ଆଜି ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

ବଲିଉଡର ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ସଞ୍ଜୟ ଗୁପ୍ତାଙ୍କ ପରଲୋକ

ହିନ୍ଦୀ ସିନେମା ଜଗତରେ ଆଧୁନିକ ଆକ୍ସନ୍-ଥ୍ରିଲର୍ ଓ ସୁନ୍ଦର କାହାଣୀର ଜାଦୁ ସୃଷ୍ଟି କରିଥିବା ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ ତଥା ପ୍ରଯୋଜକ ସଞ୍ଜୟ ଗୁପ୍ତାଙ୍କର ଅକାଳ ବିୟୋଗ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା। ତାଙ୍କର ଏଭଳି ଅଚାନକ ମୃତ୍ୟୁରେ ସମଗ୍ର ଚଳଚ୍ଚିତ୍ର ଜଗତରେ ଗଭୀର ଶୋକର ଛାୟା ଖେଳିଯାଇଛି।

ପରିବାର ସୂତ୍ର ଏବଂ ବିଭିନ୍ନ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ଶୁକ୍ରବାର ରାତିରେ ସଞ୍ଜୟ ଗୁପ୍ତା ନିଜ ବାସଭବନରେ ହଠାତ୍ ପଡ଼ିଯାଇଥିଲେ। ତେବେ ଘଟଣାଟି ସେହି ସମୟରେ କାହାର ନଜରକୁ ଆସି ନଥିଲା। ପରଦିନ ଅର୍ଥାତ୍ ଶନିବାର ସକାଳେ ଜଣାପଡ଼ିଥିଲା ଯେ ଘରେ ଘଟିଥିବା ଏହି ଦୁର୍ଘଟଣା ଯୋଗୁଁ ତାଙ୍କର ମୃତ୍ୟୁ ହୋଇସାରିଛି। ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଶୋକ ପଣ୍ଡିତ ତାଙ୍କର ବିୟୋଗକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି ଏବଂ ସୋସିଆଲ ମିଡିଆ ଜରିଆରେ ସ୍ପଷ୍ଟ କରିଛନ୍ତି ଯେ ଘରେ ପଡ଼ିଯିବା କାରଣରୁ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ତାଙ୍କର ପ୍ରାଣହାନୀ ଘଟିଛି। ଅଶୋକ ପଣ୍ଡିତ ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି ଯେ ଏହି ଖବର ଅତ୍ୟନ୍ତ ଆଘାତଜନକ ଓ ମର୍ମାହତ କଲାଭଳି ଅଟେ। ସେ ଜଣେ ଜୀବନ୍ତ ବ୍ୟକ୍ତିତ୍ୱ, ମହାନ କାହାଣୀକାର ଏବଂ ଜଣେ ଅତ୍ୟନ୍ତ ଉତ୍ସର୍ଗୀକୃତ ଚଳଚ୍ଚିତ୍ର ନିର୍ମାତା ଥିଲେ। ତାଙ୍କର ବିୟୋଗ ସିନେମା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ଅଟେ। ତାଙ୍କ ଅନ୍ତିମ ସଂସ୍କାର ସମ୍ବନ୍ଧୀୟ ସମସ୍ତ ବିବରଣୀ ଖୁବଶୀଘ୍ର ପ୍ରକାଶ କରାଯିବ ବୋଲି ସେ ଜଣାଇଛନ୍ତି।

ସଞ୍ଜୟ ଗୁପ୍ତା ୧୯୯୪ ମସିହାରୁ ନିଜର ନିର୍ଦ୍ଦେଶନା ଯାତ୍ରା ଆରମ୍ଭ କରିଥିଲେ। ସେ ଏହି ବର୍ଷ ଆକ୍ସନ୍ ଚଳଚ୍ଚିତ୍ର ଜରିଆରେ ନିର୍ଦ୍ଦେଶନା କ୍ଷେତ୍ରରେ ପାଦ ଦେଇଥିଲେ। ଏହାପରେ ସେ ୧୯୯୫, ୨୦୦୦ ଏବଂ ଅନ୍ୟାନ୍ୟ ବର୍ଷମାନଙ୍କରେ ଅନେକ ଆକର୍ଷକ ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ତେବେ ୨୦୦୨ ମସିହାରେ ମୁକ୍ତିଲାଭ କରିଥିବା ଏକ ବହୁତାରକା ଚଳଚ୍ଚିତ୍ର ତାଙ୍କ ନିର୍ଦ୍ଦେଶନା ଶୈଳୀକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ସେହି ଚଳଚ୍ଚିତ୍ରର ରଙ୍ଗ ସଂଯୋଜନା, ଆକର୍ଷକ କ୍ୟାମେରା କାର୍ଯ୍ୟ ଏବଂ ପ୍ରଭାବଶାଳୀ କଳାକାରଙ୍କ ଅଭିନୟ ଦର୍ଶକଙ୍କ ମନରେ ଏକ ସ୍ୱତନ୍ତ୍ର ଛାପ ଛାଡ଼ିଥିଲା। ପ୍ରାୟ ୩ ଦଶକରୁ ଅଧିକ ସମୟ ଧରି ଚଳଚ୍ଚିତ୍ର ଜଗତରେ ସକ୍ରିୟ ରହି ସଞ୍ଜୟ ଗୁପ୍ତା ନିଜର ପ୍ରଯୋଜନା ସଂସ୍ଥା ପ୍ରତିଷ୍ଠା କରିଥିଲେ। ଜଣେ ଲେଖକ, ନିର୍ଦ୍ଦେଶକ ଏବଂ ପ୍ରଯୋଜକ ଭାବେ ସେ ବହୁ ଚର୍ଚ୍ଚିତ ଚଳଚ୍ଚିତ୍ର ଦର୍ଶକଙ୍କୁ ଭେଟି ଦେଇଛନ୍ତି। ତାଙ୍କର ପ୍ରମୁଖ କାର୍ଯ୍ୟଗୁଡ଼ିକ ମଧ୍ୟରେ ମନସ୍ତତ୍ତ୍ୱଭିତ୍ତିକ ରୋମାଞ୍ଚକର ଚଳଚ୍ଚିତ୍ର, ବହୁକାହାଣୀ ସମ୍ବଳିତ ଚଳଚ୍ଚିତ୍ର, ଅପରାଧ କାହାଣୀ ତଥା ପ୍ରସିଦ୍ଧ ଅଭିନେତାମାନଙ୍କୁ ନେଇ ନିର୍ମିତ ବହୁ ନାମଜାଦା ଚଳଚ୍ଚିତ୍ର ସାମିଲ ରହିଛି। ସେ ନିଜର ଅନନ୍ୟ ଦୃଷ୍ଟିକୋଣ ଏବଂ ଦମଦାର ଆକ୍ସନ୍ ଦୃଶ୍ୟ ପାଇଁ ସର୍ବଦା ଚଳଚ୍ଚିତ୍ର ପ୍ରେମୀଙ୍କ ହୃଦୟରେ ଅମର ହୋଇ ରହିବେ।



Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
Chief Advisor: Pradosh Pattnaik ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ ସମ୍ପାଦକ: ତପନ ବିହାରୀ ଭଞ୍ଜ